


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୧ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 11 DECEMBER 2023

Vol.No. 34 ■ No. 324■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୫ ଦିନ ପରେ ସରିଲା ଟଙ୍କା ଗଣତି: ମିଳିଲା ୩୦୫ କୋଟି



ବଲାଙ୍ଗିର, ୧୦/୧୨ (ନି.ପ୍ର): କଥା ଯାଇ ଦିଲ୍ଲୀରେ ହୁରି ପଡ଼ିଲାଣି । କୋଟି କୋଟି ଟଙ୍କାର ଗଣତି ସରୁନାହିଁ କି ହିସାବ ମିଳୁନାହିଁ। ବଲାଙ୍ଗୀରରେ ସାହୁ ସାମ୍ରାଜ୍ୟ ଉପରେ ଆୟକର ଚଢାଉ ଆଜି ପଞ୍ଚମ ଦିନରେ ଜାରି ରହିଛି। ସେପଟେ ବଲାଙ୍ଗିର ଏସବିଆଇ ମୁଖ୍ୟ ଶାଖାରେ ଚାଲିଥିବା ଗଣତି ଶେଷ ହୋଇଛି। ଲଗାତାର ୫ ଦିନ ପରେ ଆଜି ଗଣତି ସରିଛି। ଗଣତି ସରିବା ପରେ ମେସିନ ସହ ବାହାରିଲେ ବ୍ୟାଙ୍କ କର୍ମଚାରୀ। ୫୦ କର୍ମଚାରୀ ଓ ୨୫ ମେସିନ ଦ୍ୱାରା ଗଣତି ଶେଷ ହୋଇଛି। ଗଣତିରେ ପ୍ରାୟ ୩୦୫ କୋଟି ଟଙ୍କା ମିଳିଥିବା କହିଛନ୍ତି ବଲାଙ୍ଗିର ଏସବିଆଇର ଆରଏମ ଭଗତ ବେହେରା। ଟେବୁଲ ଉପରେ କ୍ୟାସ । ଗଣି ଗଣି ଷ୍ଟାଫ ହାଲିଆ। ଆଇଟି ରେଡରୁ ଜବତ ହୋଇଥିବା ଟଙ୍କା ଏଠାରେ କେମିତି ଗଣତି ଚାଲିଛି। ସତେ ଯେମିତି ଭୋଟ ଗଣାଚାଲିଛି। ଶେଷରେ ବହୁ କଷ୍ଟରେ ୫ ଦିନ ପରେ ଗଣତି ଶେଷ ହୋଇଛି। ଗଣତି କାମରେ ୫୦ରୁ ୬୦ ଷ୍ଟାଫ ଲାଗିପଡ଼ିଥିଲେ। ଗଣି ଗଣି ବେଦମ ହୋଇ ଯାଇଥିଲେ। ବ୍ୟାଙ୍କ ଷ୍ଟାଫ କହୁଛନ୍ତି ପୂର୍ବରୁ ତ ଟଙ୍କା ଦେଖିଥିଲେ ଏତେ ଏକାଥରେ ଦେଖିନଥିଲେ। ସେଥିରେ ପୁଣି ୧୦ ଟଙ୍କିଆରୁ ଆରମ୍ଭ କରି ଓଡ଼ିଶାର ମଦବ୍ୟବସାୟୀ ରାଜକିଶୋର ସାହୁ, ଦେବରାଜ ସାହୁ, ବଳଦେବ ସାହୁ ଆଣ୍ଡ ସନ୍ସ, କାମେଶ୍ୱର ତିୱାରୀ, ରାଜକିଶୋର ଜୟସୁଆଲ ଓ ଅନ୍ୟମାନଙ୍କ ମଦ କାରଖାନା ଉପରେ ଚଢ଼ାଉ ଜାରି ରହିଛି । ଏହି କଳାଟଙ୍କାର ପ୍ରକୃତ ଉତ୍ସ କଣ ଏବଂ କିଭଳି ଏତେଗୁଡ଼ିଏ କଳାଟଙ୍କା ଏହି ମଦବ୍ୟବସାୟୀମାନେ କାହିଁକି ଠୁଳ କରିଥିଲେ ଏହାର ସତ୍ୟାସତ୍ୟ ରାଜ୍ୟବାସୀଙ୍କୁ ଜଣାଯାଉ ବୋଲି କଂଗ୍ରେସ ଦାବି କରୁଛି । ଯଦି ପ୍ରକୃତରେ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କର ଆୟକର ବିଭାଗ ରାଜ୍ୟବାସୀଙ୍କୁ ଏହାର ସଂପୂର୍ଣ୍ଣ ତଥ୍ୟ ତଥା ଏ କଳାଟଙ୍କାର ଉତ୍ସକୁ ଖୁଲାସା କରିବାକୁ ଚାହୁଁଛନ୍ତି ତାହାଲେ ତୁରନ୍ତ ରାଜ୍ୟ ସରକାର ଏକ ଏସଆଇଟି ଗଠନ କରନ୍ତୁ ଏବଂ ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ଏହାର ତଦନ୍ତ କରାଯାଉ । କିଭଳି ସ୍ୱଳ୍ପ ଦିନ ଭିତରେ ଶହ ଶହ କୋଟି ଟଙ୍କା ମଦବ୍ୟବସାୟୀମାନେ ନିଜ ଘରେ ଏବଂ ନିଜ କାର୍ଯ୍ୟାଳୟରେ ଠୁଳ କରିପାରିଲେ । ଏହାର କାଣିଚାଏ ଖବର ରାଜ୍ୟ ସରକାରଙ୍କର ଅବକାରୀ ବିଭାଗର ଅଧିକାରୀ, ପୁଲିସ କିମ୍ବା ଗୁଇନ୍ଦା ବିଭାଗ ଏପରିକି କେନ୍ଦ୍ର ସରକାରଙ୍କର ଆୟକର ବିଭାଗ, ରେଭିନ୍ୟୁ ଇଂଟିଲିଜେନ୍ସ ବିଭାଗ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କେହି କିଛି ଜାଣିପାରିଲେ ନାହିଁ, ତାହା ଆଶ୍ଚର୍ଯ୍ୟ କରୁଛି । ଯଦି ଏସବୁ ବିଭାଗ ପାଖରେ କିଛି ଖୋଜଖବର ନାହିଁ ତାହା ପରୋକ୍ଷରେ ସେମାନଙ୍କର କାର୍ଯ୍ୟଦକ୍ଷତାକୁ ନେଇ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ବିଜୁ ଜନତା ଦଳ ସରକାର ମଦ ବ୍ୟବସାୟୀଙ୍କୁ ବହୁ ମାତ୍ରାରେ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଏସବୁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବୁଝାମଣା ଭିତିରେ

▶▶ପୃଷ୍ଠା ୭

## ବିଏସ୍‌ପିରେ ଆରମ୍ଭ ହେବ ନୂଆ ଯୁଗ: ଉତ୍ତରାଧିକାରୀ ଘୋଷଣା କଲେ ମାୟାବତୀ



ନୂଆଦିଲ୍ଲୀ, ୧୦/୧୨ : ବହୁଜନ ସମାଜ ପାର୍ଟି ସୁପ୍ରିମୋ ତଥା ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀ ଆଜି ତାଙ୍କ ରାଜନୀତିକ ଉତ୍ତରାଧିକାରୀଙ୍କ ନାମ ଘୋଷଣା କରିଛନ୍ତି। ସେ ତାଙ୍କ ପୁତୁରା ଆକାଶ ଆନନ୍ଦ (୨୮)ଙ୍କୁ ଉତ୍ତରାଧିକାରୀ ଘୋଷଣା କରିଛନ୍ତି। ଲକ୍ଷ୍ନୌରେ ଆଜି ବସିଥିବା ଦଳୀୟ ବୈଠକରେ ମାୟାବତୀ ଏହି ଘୋଷଣା କରିଛନ୍ତି। ଆନନ୍ଦ ହେଉଛନ୍ତି ମାୟାବତୀଙ୍କ ସାନ ଭାଇ ଆନନ୍ଦ କୁମାରଙ୍କ ପୁଅ। ସେ ଲଣ୍ଡନରେ ଏମ୍‌ବିଏ କରିଛନ୍ତି। ୨୦୧୭ରେ ସେ ରାଜନୀତିରେ ପ୍ରବେଶ କରିଥିଲେ। ସେହିବର୍ଷ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସହରଣପୁରରେ ଏକ ରାଲି ବେଳେ ତାଙ୍କୁ ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ସହିତ ଦେଖିବାକୁ ମିଳିଥିଲା। ତାହା ଥିଲା ରାଜନୀତିରେ ତାଙ୍କର ପ୍ରବେଶ। ୨୦୧୭ରୁ ସେ ବିଏସ୍‌ପିର ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେଉଥିଲେ। ୨୦୧୯ରେ ମାୟାବତୀ ତାଙ୍କ ସାନଭାଇ ଆନନ୍ଦ କୁମାରଙ୍କୁ ଦଳର ଜାତୀୟ ସଭାପତି ଭାବେ ନିଯୁକ୍ତି ଦେଇଥିଲେ।

▶▶ପୃଷ୍ଠା ୭

## ଭିଣ୍ଟେଜ୍ କାର୍ ପ୍ରଦର୍ଶନୀରେ ପୁଲିସ-ଜନତା ଧସ୍ତାଧସ୍ତି



ଭୁବନେଶ୍ୱର, ୧୦/୧୨ (ନି.ପ୍ର): ଭୁବନେଶ୍ୱର ବରମୁଣ୍ଡାରେ ଭିଣ୍ଟେଜ୍ କାର୍ ପ୍ରଦର୍ଶନୀ ଚାଲିଥିବା ବେଳେ ଆଜି ଦେଖା ଦେଇଥିଲା ଉତ୍ତେଜନା। ପୁଲିସ-ଜନତା ହୋଇଥିଲେ ଧସ୍ତାଧସ୍ତି। ଲୋକଙ୍କୁ ଗେଟ୍ ଭିତରକୁ ନଛାଡ଼ିବାରୁ ଠେଲାପେଲା ସ୍ଥିତି ଉପୁଜିଥିଲା। ଗତକାଲିଠାରୁ ବରମୁଣ୍ଡା ପଡ଼ିଆରେ ଭିଣ୍ଟେଜ୍ କାର ପ୍ରଦର୍ଶନୀ ଚାଲିଥିବା ବେଳେ ପ୍ରଦର୍ଶନୀକୁ ସାଧାରଣ ଜନତାଙ୍କ ପ୍ରବେଶ ଉପରେ ବାରଣ ରହିଛି। ଆଜି ଅପରାହ୍ନରେ କିଛି ଲୋକ ଜବରଦସ୍ତି ପ୍ରଦର୍ଶନୀ ଦେଖିବାକୁ ନେଇ ହୋଇଥିଲା ଖଣ୍ଡଯୁଦ୍ଧ। କିଛି ଲୋକ ଜବରଦସ୍ତି ପ୍ରଦର୍ଶନୀ ଦେଖିବାକୁ

▶▶ପୃଷ୍ଠା ୭

## ଜୁଆ ଅଡ୍ଡାରେ ଚଢ଼ାଉ: ୬ ଗିରଫ



ସମ୍ବଲପୁର, ୧୦/୧୨ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ଥାନା ବାହାନଗାଁ ଜଙ୍ଗଲରେ ଜୁଆଖେଳ ଚାଲିଥିବା ବେଳେ ପୁଲିସ୍ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଛି। ଗିରଫ ଜୁଆଡ଼ିମାନେ ହେଉଛନ୍ତି- ଜମନକିରାର ଶ୍ରୀକାନ୍ତ ବେହେରା, ଗଣେଶ ସାହୁ ଓ ସିକନ୍ଦର

▶▶ପୃଷ୍ଠା ୭

## ବିଷ୍ଣୁଦେଓ ସାଏ ଛତିଶଗଡ଼ର ନୂଆ ମୁଖ୍ୟମନ୍ତ୍ରୀ

### ୨ ଜଣ ଉପ ମୁଖ୍ୟମନ୍ତ୍ରୀ, ରମଣ ସିଂହ ହେବେ ବାଚସ୍ପତି



ଛତିଶଗଡ଼, ୧୦/୧୨ ବିଷ୍ଣୁଦେଓ ସାଏ ହେବେ ଛତିଶଗଡ଼ର ନୂଆ ମୁଖ୍ୟମନ୍ତ୍ରୀ। ଆଜି ରାୟପୁରରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଉପସ୍ଥିତିରେ ଅନୁଷ୍ଠିତ ବିଜେପି ବିଧାୟକ ଦଳ ବୈଠକରେ ତାଙ୍କ ନାଁରେ ଉପରେ ବାଜିଛି ମୋହର। ତାଙ୍କୁ ବିଜେପି ବିଧାୟକ ଦଳ ନେତା ନିର୍ବାଚିତ କରାଯାଇଛି। ୫୯ ବର୍ଷୀୟ ବିଷ୍ଣୁଦେଓ ସାଏ ଜଣେ ଆଦିବାସୀ ନେତା। ଏଥର ସେ କୁଙ୍କୁରୀ ସଂରକ୍ଷିତ ଆସନରୁ ବିଜୟୀ ହୋଇଛନ୍ତି। ତାଙ୍କୁ ୮୭,୬୦୪ ଖଣ୍ଡ ଭୋଟ୍ ମିଳିଥିଲା। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ୟୁଡି ମିଞ୍ଜଙ୍କୁ ୨୫, ୫୪୧ ଖଣ୍ଡ ଭୋଟ୍ ?ରେ ହରାଇଥିଲେ। ତିନି ଥର ରାଜ୍ୟ ବିଜେପି ସଭାପତି ଦାୟିତ୍ୱ ତୁଲାଇଥିଲେ ବିଷ୍ଣୁଦେଓ ସାଏ। ୨୦୦୬ ରୁ ୨୦୧୦ ଏବଂ ୨୦୨୦ରୁ ୨୦୨୨ ପର୍ଯ୍ୟନ୍ତ ସେ ଛତିଶଗଡ଼ ବିଜେପି ସଭାପତି ଥିଲା। ୨୦୧୪ରେ ଅଳ୍ପ ସମୟ ପାଇଁ ଏହି ଦାୟିତ୍ୱରେ ରହିଥିଲେ। ୧୯୯୯ରୁ ୨୦୧୪ ପର୍ଯ୍ୟନ୍ତ ଲଗାତାର ୪ ଥର ସେ ରାୟଗଡ଼ ଲୋକସଭା ଆସନରୁ ବିଜୟୀ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ମନ୍ତ୍ରିମଣ୍ଡଳରେ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ ସେ। ବିଭାଜିତ ମଧ୍ୟ ପ୍ରଦେଶ (ସେତେବେଳେ ଛତିଶଗଡ଼ ରାଜ୍ୟ ଗଠନ ହୋଇ ନଥିଲା) ବିଧାନସଭାକୁ ସେ ଦୁଇ ଥର ନିର୍ବାଚିତ ହୋଇଥିଲା। ୧୯୯୦ରୁ ୧୯୯୮ ପର୍ଯ୍ୟନ୍ତ ସେ ଅବିଭାଜିତ ମଧ୍ୟ ପ୍ରଦେଶ ବିଧାନସଭାର ସଦସ୍ୟ ଥିଲେ। ବିଷ୍ଣୁଦେଓ ସାଏ ଏଥର ମୁଖ୍ୟମନ୍ତ୍ରୀ ରେସ୍‌ରେ ଥିଲେ। ଯଦି ବିଜେପି ଛତିଶଗଡ଼ରେ ଜଣେ ଆଦିବାସୀଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଚାହିଁବ, ତା'ହେଲେ ପ୍ରଥମେ ବିଷ୍ଣୁଦେଓ ସାଏଙ୍କ ନାମ ଉପରେ ବିଚାର କରିବ ବୋଲି ଚର୍ଚ୍ଚା ହେଉଥିଲା। ଛତିଶଗଡ଼ ବିଧାନସଭାରେ ୯୦ଟି ଆସନ ଥିବା ବେଳେ ବିଜେପି ୫୪ଟିରେ ବିଜୟୀ ହୋଇଥିଲା। କଂଗ୍ରେସକୁ ୩୫ଟି ଆସନ ମିଳିଥିବା ବେଳେ ଜିଜିପିକୁ ଗୋଟିଏ ଆସନ ମିଳିଛି।

▶▶ପୃଷ୍ଠା ୭

## ଗୁଡ଼ି ସୂତା ଆଣିବାବେଳେ ନାବାଳକ ଉପରେ ମାଡ଼ିଗଲା ଲୌହଦାନବ

ଭୁବନେଶ୍ୱର, ୧୦ /୧୨ (ନି.ପ୍ର): ପିଲାଟି ସାଙ୍ଗମାନଙ୍କ ଖୁସିରେ ଗୁଡ଼ି ଉଡ଼ାଉଥିଲା। ଜାଣି ନଥିଲା ତାର ମୃତ୍ୟୁ ତାକୁ ହାତ ଠାରି ଡାକୁଛି। ଗୁଡ଼ି ଉଡ଼ାଇଲା ବେଳେ କଟିଗଲା ସୂତା। ଟ୍ରେନ୍ ଲାଇନ୍ ଅପର ପାର୍ଶ୍ୱରେ ସୂତା ଆଣିବା ପାଇଁ ଗଲା ବେଳେ ମାଡ଼ିଗଲା ଲୌହଦାନବ। ରାଜଧାନୀ ଭୁବନେଶ୍ୱରରେ ଏହି ଦୁର୍ଘଟଣା ଘଟିଛି। ପିଲାଟିର ନାଁ ସୂର୍ଯ୍ୟକାନ୍ତ ପାତ୍ର( ୧୪) ବର୍ଷ। ତାର ଘର ଶହିଦନଗର ଶାନ୍ତିପଲ୍ଲୀ ବସ୍ତିରେ। ଗତକାଲି ଅପରାହ୍ନ ସମୟରେ ଟ୍ରେନ ଲାଇନ ପାର୍ଶ୍ୱରେ ସୂର୍ଯ୍ୟକାନ୍ତ ଗୁଡ଼ି ଉଡ଼ାଉଥିଲା। ଏହି ସମୟରେ ଗୁଡ଼ିର ସୂତା କଟିଯାଇଥିଲା। ଗୁଡ଼ିର ସୂତା ଟ୍ରେନ ଲାଇନ ଅପର ପାର୍ଶ୍ୱରେ ପଡ଼ି ଯାଇଥିଲା। ସୂର୍ଯ୍ୟକାନ୍ତ ଟ୍ରେନ ଲାଇନ ପାର ହୋଇ ସୂତା ଆଣିବାକୁ ଗଲା ବେଳେ ପିଲାଟିର ଉପରେ ମାଡ଼ିଗଲା ଲୌହଦାନବ। ସେହିଠାରେ ହିଁ ନାବାଳକର ମୃତ୍ୟୁ ଘଟିଥିଲା। ଏଜିଚ ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି।

## ହାତୀ ଆକ୍ରମଣରେ ରେଞ୍ଜର ମୃତ

ଭବାନୀପାଟଣା, ୧୦/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ନର୍ଲା ରେଞ୍ଜ୍ ଅନ୍ତର୍ଗତ ରତନପୁର- ଆମ୍ବପଡା ନିକଟରେ ହାତୀ ଆକ୍ରମଣରେ ରେଞ୍ଜରଙ୍କ ମୃତ୍ୟୁ ଘଟିଛି । ରତନପୁର- ଆମ୍ବପଡା ଠାରେ ହାତୀ ଉପଦ୍ରବ ସମ୍ପର୍କରେ ଖବର ପାଇ ଆଜି ସକାଳେ ଏକ ଟିମ୍ ସହ ନର୍ଲା ରେଞ୍ଜର ପ୍ରଶାନ୍ତ କୁମାର ପାଲ ହାତୀ ଘଉଡାଇବାକୁ ସେଠାକୁ ଯାଇଥିଲେ । ଜଙ୍ଗଲ ଆଡକୁ ଘଉଡାଇବାକୁ ଚେଷ୍ଟା କରିବା ବେଳେ ହାତୀଟି ତାଙ୍କୁ ଆକ୍ରମଣ କରିଥିଲା । ହାତୀଟି ତାଙ୍କ ପେଟକୁ ଦଳି ଦେଇଥିଲା । ଫଳରେ ତାଙ୍କ ପେଟରେ ଗଭୀର ଆଘାତ ଲାଗିଥିଲା । ଚିକିତ୍ସା ନିମନ୍ତେ ତାଙ୍କୁ ତୁରନ୍ତ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷରେ ରେଞ୍ଜର ପ୍ରଶାନ୍ତଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

## ଦେଶରେ ମହିଳା ବିରୋଧୀ ଅପରାଧରେ ଏକ ନମ୍ବର ଓଡ଼ିଶା: କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର



ଭୁବନେଶ୍ୱର, ୧୦/୧୨ (ନି.ପ୍ର): ଦେଶରେ ମହିଳା ବିରୋଧୀ ଅପରାଧରେ ଏକ ନମ୍ବର ଓଡ଼ିଶା। ମହିଳା ଅତ୍ୟାଚାରରେ ଓଡ଼ିଶା ସମସ୍ତଙ୍କ ମୁଣ୍ଡକୁ ତଳକୁ କରୁଛି, ସାରା ଦେଶରେ ଓଡ଼ିଶା ଆଜି ନିନ୍ଦିତ। ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଯୋଗଦେଇ ଏଭଳି ଟିପ୍ପଣୀ ଦେଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, କେନ୍ଦ୍ର ସରକାରଙ୍କ ମହିଳା କଲ୍ୟାଣକାରୀ ଯୋଜନାକୁ ପହଞ୍ଚାଇବା ସହ ରାଜ୍ୟ ସରକାରଙ୍କ ବିରୋଧରେ ମହିଳା ବିରୋଧୀ ଅପରଧକୁ ନେଇ ରାଜ୍ୟ ସାରା ଦୁର୍ବାର ଆନ୍ଦୋଳନ କରିବ ମହିଳା ମୋର୍ଚ୍ଚା। ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଏ ନେଇ ନିଷ୍ପତ୍ତି ହୋଇଛି। ଦେଶରେ ମହିଳା ବିରୋଧୀ ଅପରାଧରେ ଏକ ନମ୍ବର ଓଡ଼ିଶା। ମହିଳା ଅତ୍ୟାଚାରରେ ଓଡ଼ିଶା ସମସ୍ତଙ୍କ ମୁଣ୍ଡକୁ ତଳକୁ କରୁଛି, ସାରା ଦେଶରେ ଓଡ଼ିଶା ଆଜି ନିନ୍ଦିତ। ଦୁର୍ନୀତିଗ୍ରସ୍ତ :ଏବଂ ଭ୍ରଷ୍ଟାଚରୀ ଶାସନ ବ୍ୟବସ୍ଥା, ବିଜେଡି ନେତା, ମନ୍ତ୍ରୀଙ୍କ ନାଁରେ କେଳେଙ୍କାରୀର ଅଭିଯୋଗ ଅଛି। ସେ ଆହୁରି କହିଛନ୍ତି, ଓଡ଼ିଶାରେ ୮୦ ପ୍ରତିଶତ ଲୋକ ମୋଦିଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ ଭାବେ ଚାହୁଁଛନ୍ତି। ମହିଳାଙ୍କୁ ସ୍ୱାବଲମ୍ବୀ ଏବଂ ଆତ୍ମନିର୍ଭର କରିବା ପାଇଁ ବିଭିନ୍ନ ଯୋଜନା ଆରମ୍ଭ କରିଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ମୁଦ୍ରା ଋଣ, ସୌଭାଗ୍ୟ ଯୋଜନାରେ ବିଜୁଳି, ୭୭ ଲକ୍ଷ ଘରେ ଶୌଚାଳୟ, ସ୍ୱଜଳ ଧାରା ଯୋଜନାରେ ଓଡ଼ିଶାରେ ୫୩ଲକ୍ଷ ଘରେ ନଳ ଯୋଗେ ଜଳ ଯୋଗାଇଛନ୍ତି। ଦୁଇ କୋଟି ଲକ୍ଷପତି ଦିଦି ଏବଂ ନମୋ ଡ୍ରୋନ ଦିଦି ବନେଇବା ପାଇଁ ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ। ଏହି ସବୁ ଯୋଜନାର ବାର୍ତ୍ତା ଘରେ ଘରେ ପହଞ୍ଚାଇବ ବିଜେପି ମହିଳା ମୋର୍ଚ୍ଚା।

## ଡମ୍ଫର ସହ କାରର ଧକ୍କା ହେବା ପରେ ଲାଗିଗଲା ନିଆଁ: ୮ ଜୀବନ୍ତ ଦଗ୍ଧ



ନୂଆଦିଲ୍ଲୀ, ୧୦/୧୨ : ବିବାହ ଉତ୍ସବରୁ ସମସ୍ତେ ଖୁସିରେ ଫେରୁଥିଲେ। ହେଲେ ସେମାନଙ୍କ ଖୁସି ବେଶୀ ସମୟରେ ରହିନଥିଲା। ହଠାତ୍ ଯେପରି ଗୋଟିଏ ମିନିଟ୍‌ରେ ସବୁ ଓଲଟପାଲଟ ହୋଇଯାଇଥିଲା। ବାଟରେ ଛକି ବସିଥିଲା ଯମ। ବାଟରେ ମର୍ମନ୍ତୁଦ ଦୁର୍ଘଟଣାରେ ୮ଜଣ ଜୀବନ୍ତ ଦଗ୍ଧ ହୋଇ ଯାଇଥିଲେ। ଉତ୍ତରପ୍ରଦେଶର ବାରେଲି-ନୈନିତାଲ ଜାତୀୟ ରାଜପଥରେ ଗତକାଲି ବିଳମ୍ବିତ ରାତିରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଡମ୍ଫର ସହ କାରର ଧକ୍କା ଦେବା ପରେ ଉଭୟ ଗାଡ଼ିରେ ନିଆଁ ଲାଗିଯାଇଛି। ଦୁର୍ଘଟଣାରେ ଜଣେ ଶିଶୁ ସମେତ ୮ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଗତକାଲି ବିଳମ୍ବିତ ରାତିରେ କାରଟି ବାରେଲି-ନୈନିତାଲ ଜାତୀୟ ରାଜପଥରେ ଯାଉଥିବା ସମୟରେ ହଠାତ୍ ଚକା ଫାଟି ଯାଇଥିଲା। ପରେ କାରଟି ଡିଭାଇଡର ଭାଙ୍ଗି ଅନ୍ୟ ପାର୍ଶ୍ୱରେ ଆସୁଥିବା ଡମ୍ଫର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ପରେ କାରଟି ରାସ୍ତାଉପରେ ଓଲଟି ପଡ଼ିଥିଲା। ଉଭୟ ଗାଡ଼ିରେ ନିଆଁ ଲାଗିଯାଇଥିଲା। ତେବେ ନିଆଁ ଲାଗିବା ପରେ କାରରେ

▶▶ପୃଷ୍ଠା ୭

# ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଗବେଷଣାତ୍ମକ ପୁସ୍ତକ ‘କୈବର୍ତ୍ତ ସଂସ୍କୃତି ଓ କୈବର୍ତ୍ତ ସାହିତ୍ୟ’ ଲୋକାର୍ପିତ




ବାଲେଶ୍ୱର, ୧୦/୧୨ (ନି.ପ୍ର): ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଗବେଷଣାତ୍ମକ ପୁସ୍ତକ ‘କୈବର୍ତ୍ତ ସଂସ୍କୃତି ଓ କୈବର୍ତ୍ତ ସାହିତ୍ୟ’ ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ପରିଷଦର ଉପସଭାପତି ପ୍ରଦୀପ ଚାଟାର୍ଜୀଙ୍କ ପୌରୋହିତ୍ୟରେ ଶାନ୍ତିକାନନଠାରେ ଉନ୍ମୋଚିତ ହୋଇଯାଇଛି। ୯୪ ବର୍ଷ ବୟସରେ ଉପନୀତ ବାଲେଶ୍ୱର କୈବର୍ତ୍ତ ସମାଜର ମୁଖ୍ୟ ତଥା ବର୍ଷୀୟାନ ସାଂସ୍କୃତିକ ବ୍ୟକ୍ତିତ୍ୱ ଅନନ୍ତ ମାଝୀ ପୁସ୍ତକଟିକୁ ଉନ୍ମୋଚନ କରିବା ସହିତ କୈବର୍ତ୍ତ ସଂସ୍କୃତି ଓ ସାହିତ୍ୟ ସଂପର୍କିତ ଏହି ପୁସ୍ତକଟିର ପ୍ରକାଶନ ଅବସରରେ ନିଜର ସନ୍ତୋଷ ବ୍ୟକ୍ତ କରିଥିଲେ। ବିଶିଷ୍ଟ ଗବେଷକ ଡ. ମନ୍ମଥ କୁମାର ପ୍ରଧାନ ଓ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ନୃତତ୍ତ୍ୱ ବିଭାଗର ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ବକ୍ତା ଭାବରେ ଯୋଗ ଦେଇ ପୁସ୍ତକଟି ଓଡ଼ିଆ ବାଣୀଭଣ୍ଡାରକୁ ଏକ ଅମୂଲ୍ୟ ଅବଦାନ ବୋଲି ମତପ୍ରକାଶ କରିଥିଲେ। ସଂପାଦକ ଦୀପକ ଘୋଷ ପ୍ରାକ୍‌ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ଲେଖକଙ୍କ ପତ୍ନୀ ଡ. ହେମମାଳା ଦାଶ ଶେଷକଥା ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ଲେଙ୍କା, ତପନ ରାୟ, ଡ. ଶିରୀଶ ଚନ୍ଦ୍ର ଜେନା, ଅରୁଣା ରାୟ, କରୁଣାକର ସ, କଲ୍ୟାଣୀ ନନ୍ଦ, କବିତାରାଣୀ ବେହେରା, ତ୍ରିଦିବ ନାୟକ, ସଂଜୟ କୁମାର ପଣ୍ଡା, ଅମରେନ୍ଦ୍ର ଦାସ, ଡ. ମଥୁରାନାଥ ହୋତା, ଡ. ସୁକାନ୍ତ ଗିରି, କମଳାକାନ୍ତ ନାୟକ, ପ୍ରଣୀତା ମିଶ୍ର, ରମେଶ ଚନ୍ଦ୍ର ଜେନା, ଇଂ. ବିଜୟ କୁମାର ମହାନ୍ତି, ପିତାମ୍ବର ବେହେରା, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ପଦ୍ମଲୋଚନ ପ୍ରଧାନ, କୁମାର ଗୋପାଲ, ପଦ୍ମଲୋଚନ ଦତ୍ତ, ଅବନ୍ତୀ ପ୍ରଧାନ, ରମାକାନ୍ତ ମହାନ୍ତି, ମଧୁସୂଦନ ମାଝୀ, ଉର୍ମିଳା ନାୟକ, ନରେନ୍ଦ୍ର ପାଣିଗ୍ରାହୀ, ରାମକୃଷ୍ଣ ପତି, ପୁଷ୍ପଲତା ଚକ୍ରବର୍ତ୍ତୀ, ବାସନ୍ତୀ ଦେ, ଶରତ କୁମାର ମହାପାତ୍ର, ଦିଲ୍ଲୀପ ଚକ୍ରବର୍ତ୍ତୀ, ବେଣୁଧର ସାହୁ, ସୁଧାଂଶୁ ଶେଖର ଭୂୟାଁ, ଲୟୋଦର ନାୟକ, ସ୍ମୃତି ଦାସ, ଜ୍ୟୋତ୍ସ୍ନା ରାୟ, ମାମିନା ମହାପାତ୍ର, ଶାନ୍ତିଲତା ପଣ୍ଡା, ସୁବ୍ରତା ମହାନ୍ତି, ମମତା ଦାସ, ଶାନ୍ତି ବିଶି, ସଙ୍ଗୀତା ବାରିକ, ଚିତ୍ରାରାଣୀ ପାତ୍ର, ଦୀପକ ଦାସ, ତୃପ୍ତିରାଣୀ ପାତ୍ର, ଦେବାଶିଷ ସିଂହ, ଶ୍ରୀୟା ଶ୍ରାବଣୀ ମାଝୀ, ମନ୍ମଥ କୁମାର ସାହୁ, ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ବେଣୁଧର ମେମୋରିଆଲ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ଉଦ୍‌ଘାଟିତ

ବଲାଙ୍ଗୀର, ୧୦/୧୨ (ନି.ପ୍ର): ଆଜି ଚନ୍ଦନଭାଟି ଖେଳପଡିଆରେ ୨ୟବାର୍ଷିକ ବେଣୁଧର ଫୁଟ୍ ବଲ୍ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି । ଏହାକୁ ବରଗଡର ପୂର୍ବତନ ଲୋକସଭା ସାଂସଦ ପ୍ରଭାସ ସିଂ ଉଦ୍ ଘାଟନ କରିଥିବା ବେଳେ ଏହି ଉତ୍ସବରେ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଅନାମିକା ହୋତା , ସରପଂଚ ଶ୍ରୀମତୀ ପଙ୍କଜିନୀ ସାହୁ ଯୋଗଦେଇଥିଲେ । ଅନ୍ୟଖେଳଗୁଡିକରେ କାଉନସିଲର ପ୍ରଦୀପ ମିଶ୍ର , ସମ୍ବାଦର ସାମ୍ବାଦିକ ପ୍ରଶାନ୍ତ ମିଶ୍ର , ଷ୍ଟେଟ୍ ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟ୍ ର ସମ୍ପାଦକ ଶରତ ମହାକୁର , ଚନ୍ଦନଭାଟି ଶିଶୁମନ୍ଦିରର ସଭାପତି ରାମଚନ୍ଦ୍ର ପ୍ରଧାନ ,ବ୍ଲକ୍ ଅଧକ୍ଷା ସରିତା ବାଗ ,ପୂର୍ବତନ ବ୍ଲକ୍ ଅଧକ୍ଷ ଗୋଲାପ ବାଗ , ପୂର୍ବତନ ଜାତୀୟ ଭଲିବଲ୍ ଖେଳାଳୀ ରାଜକିଶୋର ବେହେରା , ଫୁଟ୍ ବଲ୍ ଖେଳାଳୀ ଚଗଲା ପରିଛା , ବଲାଙ୍ଗୀର ଡିଏସଓ ପରାଶର ବାଗ , ଅବସରପ୍ରାପ୍ତ ଡେପୁଟି କଲେକ୍ଟର ବିଜ୍ଞାନ କୁମାର , ସମାଜସେବୀ ମନୋଜ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । କମିଟିର ସଭାପତି କପିଳେଶ୍ୱର ପାଣିଗ୍ରାହୀଙ୍କ ଉପସ୍ଥିତିରେ କମିଟିର ମୁଖ୍ୟଉଦ୍ୟୋକ୍ତା ପୂର୍ବତନ ଜାତୀୟ ଓ ଆନ୍ତର୍ଜାତୀୟ ଫୁଟବଲ୍ ଓ ଭଲିବଲ୍ ଖେଳାଳୀ ସୁକାନ୍ତ ପାଣିଗ୍ରାହୀ , କୋଷାଧକ୍ଷ ଅଶୋକ ଦଳାଇ , ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମଣ ମେହେରଙ୍କ ସହ ଶାନ୍ତନୁ ପୁରୋହିତ , ନୂଆଖାଉ ବେହେରା , କମଳ ଚୌଧୁରୀ , ଅମ୍ବରୀଶ ପ୍ରଧାନ , ଶରତ ଦଳାଇ , ଭରତ ଡାଙ୍ଗ , ଜିତୁ ଦଳାଇ , ପ୍ରହ୍ଲାଦ ଖମାରୀ ପ୍ରମୁଖ ସହଯୋଗ କରିଥିଲେ । ଖେଳଗୁଡିକୁ ସୁଧାଂଶୁ ସେଠ୍ , ସଞ୍ଜିବ ମହାରଣା , ଦେବାଶିଷ ବାଗ , ନୟନ ବାଗ , ସତ୍ୟବ୍ରତ ଥନାପତି ପରିଚାଳନା କରିଥିଲେ । ସମ୍ପାଦକ ପ୍ରଭୁଦତ୍ତ ପ୍ରଧାନ ସମସ୍ତ ସଭାକାର୍ଯ୍ୟ ସମ୍ପାଦନ କରିଥିଲେ । ଆସନ୍ତାକାଲି ୧ମ ସେମି ଚନ୍ଦନଭାଟି ଓ ଅମାମୁଣ୍ଡା , ୨ୟ ସେମି କଦଳୀପାଲି ଓ ସମ୍ବଲପୁର ମଧ୍ୟରେ ହେବ ବୋଲି ସମ୍ପାଦକ ଶ୍ରୀ ପ୍ରଧାନ ଜଣାଇଛନ୍ତି । ଏ ଅବସରରେ ମାନ୍ୟବର ରାଜ୍ୟସଭା ସାଂସଦ , ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ତଥା ବିଜେଡି ମୁଖପାତ୍ର ଡ. ଅମର ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ପ୍ରଦାନ କରିଥିଲେ , ଯାହା ଏଲଇଡି ମାଧ୍ୟମରେ ସମସ୍ତ ଦର୍ଶକମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା ।

# ଚମ୍ପୁଆରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ଚମ୍ପୁଆ, ୧୦/୧୨ (ନି.ପ୍ର): ଚମ୍ପୁଆ କୋର୍ଟ ପରିସରରେ ତାଲୁକ୍ ଆଇନ୍ ସେବା କମିଟି ପକ୍ଷରୁ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି। ତାଲୁକ୍ ଆଇନ୍ ସେବା କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସରୋଜ କୁମାର ଦାସ୍ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ସବଜଜ୍ ପ୍ରଦିପ କୁମାର ପ୍ରଧାନ, ଏସ୍.ଡି.ଜେ.ଏମ୍ ଦୀପକ କୁମାର ସାଠୁଆ, ଜେ.ଏମ୍.ଏଫ୍. ସି ସାଇପ୍ରୀୟା ତ୍ରିପାଠୀ, ଏ.ପି.ପି. ମଧୁସୂଦନ ପତି ଏବଂ ସମସ୍ତ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ। କୋର୍ଟରେ ବିଚାରଧୀନ ଥିବା ୨ ଗୋଟି ଏନ ଆଇ ଆକ୍ଟ କେସରୁ ୨ ଲକ୍ଷ ୭୦ ହଜାର, ୧ ଗୋଟି ବ୍ୟାଙ୍କ୍ କେସରୁ ୧୦ ଲକ୍ଷ ୮୮ ହଜାର ୪ ଶହ ୩୦ ଟଙ୍କା ୨୭ ପଇସା, ୩ ଗୋଟି ଏମଏସିଟି କେସରୁ ୩୭ ଲକ୍ଷ ଟଙ୍କା ପକ୍ଷ ମାନଙ୍କୁ ଆୱାର୍ଡ କରାଯାଇଥିଲା। ୨ ଗୋଟି ସିଏମସି କେସର ଫଏସଲା କରାଯାଇ ୩୬ ହଜାର ଟଙ୍କା ଆଦାୟ କରାଯାଇଥିଲା। ସର୍ବମୋଟ ୭୪ ଗୋଟି ମାମଲାରୁ ୧୨ ଗୋଟି ମାମଲା ର ଫଏସଲା କରାଯାଇ ୫୦ ଲକ୍ଷ ୭୧ ହଜାର ୪ ଶହ ୩୦ ଟଙ୍କା ଆଦାୟ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମକୁ ସହକାରୀ ଅବଦୁଲ ସୁରଜ୍ ଖାନ୍ ପରିଚାଳନା କରିଥିବାବେଳେ ମନୋଜ କୁମାର ନାଏକ ସହଯୋଗ କରିଥିଲେ।

## ମୂଳାପାଳ ଶିଶୁ ମନ୍ଦିର ବାର୍ଷିକ କ୍ରୀଡା ଉଦ୍‌ଯାପିତ

କୋରେଇ, ୧୦/୧୨ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ମୂଳାପାଳ ସରସ୍ୱତୀ ଶିଶୁ ମନ୍ଦିରର ଦ୍ୱିଦିବସୀୟ ବାର୍ଷିକ କ୍ରୀଡା ଆଜି ଉଦ୍‌ଯାପିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ କାହ୍ନୁ ଚରଣ ନାୟକ, ମୁଖ୍ୟ ବକ୍ତାଭାବେ ବିଦ୍ୟାଳୟର ସଭାପତି ବୃନ୍ଦାବନ ସାହୁ, ସମ୍ମାନୀତ ଅତିଥିଭାବେ ବିଦ୍ୟାଳୟର ସମ୍ପାଦକ ଦିଲ୍ଲୀପ କୁମାର ଧଳ, ସହ ସମ୍ପାଦକ ରାଜ କିଶୋର ମଲ୍ଲିକ, ଉପସଭାପତି ଶଙ୍କର୍ଷଣ ପରିଡା, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ, ଲିଙ୍ଗେଶ୍ୱର ଉନ୍ନୟନ କମିଟିର କୋଷାଧ୍ୟକ୍ଷ ମଦନ ମୋହନ ମାଝୀ ଯୋଗଦେଇଥିଲେ । ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ କ୍ରୀଡା ଉପାଦେୟ ସମ୍ପର୍କରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୪୨ଟି ଖେଳରେ ୩୫୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । କୃତୀତ୍ୱ ଅର୍ଜନ କରିଥିବା ୧୪୦ଜଣ ଛାତ୍ର/ଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କ୍ରୀଡା ଶିକ୍ଷକ ନକୁଳ ଚରଣ ସାହୁ ଓ ସାଗରିକା ମିଶ୍ର ଖେଳ ପରିଚାଳନା କରିଥିବା ବେଳେ ବରିଷ୍ଠ ଆଚାର୍ଯ୍ୟା ଅପାରାଜିତା ଗୁରୁମା, ଅଳକା ଗୁରୁମା, ମାଧବୀ ଗୁରୁମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ/ଗୁରୁମା, କର୍ମଚାରୀ ଖେଳ ପରିଚାଳନା ଓ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କାନ୍ତକବିଙ୍କ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ଉନ୍ମୋଚିତ



ଭଦ୍ରକ, ୧୦/୧୨ (ନି.ପ୍ର): ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭଦ୍ରକ ସହରର ସାଳନ୍ଦୀ ବାଇପାସ୍ ଛକରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିର ଅନାବରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମାନନୀୟା ସଂସଦ ମଞ୍ଜୁଲତା ମଣ୍ଡଳ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହିତ ବନ୍ଦେ ଉତ୍କଳ ଜନନୀ ସଂଗୀତର ସ୍ରଷ୍ଟା କାନ୍ତକବିଙ୍କ ପାଇଁ ଭଦ୍ରକ ମାଟି କିପରି ଗର୍ବିତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥିଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ବ୍ଲକ୍ ଅଧକ୍ଷା ଉର୍ମିଳା ନାୟକ, ଭଦ୍ରକ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଶୈଳେନ୍ଦ୍ର ମହାପାତ୍ର, ଉତ୍କଳ ସମ୍ମିଳନୀର ସଭାପତି ଅଜୟ ନାୟକ ପ୍ରମୁଖ ଯୋଗ ଦେଇ କାନ୍ତକବିଙ୍କ ଜାତୀୟବୋଧ ଓ ଅମର କୃତି ଓ କୀର୍ତ୍ତି ଉପରେ ଆଲୋକପାତ କରିଥିଲେ। ଉକ୍ତ ରାସ୍ତାକୁ ରନ୍ଧବାଲି ବାଇପାସ ରାସ୍ତା କୁହାନଯାଇ କାନ୍ତକବି ମାର୍ଗ ନାମରେ ନାମିତ କରିବା ପାଇଁ ପ୍ରସ୍ତାବ ପ୍ରଦାନ କରିଥିଲେ। ପ୍ରତିମୂର୍ତ୍ତି ଆସ୍ଥାନ ପରିସର ନିକଟରେ ପୌରପାଳିକା ଦ୍ୱାରା ନିର୍ମିତ ଏଲ୍.ଇ.ଡ଼ି. ଫଳକ ପରିସରକୁ ଅବରୋଧ କରୁଥିବାରୁ ତାହା ଅପସାରଣ ପାଇଁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଉକ୍ତ ୱାର୍ଡ଼ର କାଉନ୍‌ସିଲର ପ୍ରବୀର ଜେନା ଏବଂ ଉତ୍କଳ ସମ୍ମିଳନୀ ତରଫରୁ ପ୍ରସ୍ତାବ ଦିଆଯାଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ସଂସ୍କୃତି ବିଭାଗର ସଂପୃକ୍ତ ଆର୍କିଓଲୋଜି ର କନିଷ୍ଠ ଯନ୍ତ୍ରୀ ଜ୍ଞାନେନ୍ଦ୍ର ପ୍ରସାଦ ବାରିକ୍, ଜିଲ୍ଲା କ୍ରୀଡ଼ା ଅଧିକାରୀ ପଦ୍ମନ ରାୟ, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା, କାନ୍ତକବିଙ୍କ ପରିବାର ତରଫରୁ ତାଙ୍କର ନାତି ସାମ୍ବାଦିକ ଉମାକଲ୍ୟାଣ ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ଆନୁସଂଗିକ ସହଯୋଗ କରିଥିଲେ ।

ସୂଚନାଯୋଗ୍ୟକି ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ୧୦ଫୁଟ ଉଚ୍ଚତା ବିଶିଷ୍ଟ ଏହି ପ୍ରତିମୂର୍ତ୍ତି ବ୍ରୋଞ୍ଜରେ ନିର୍ମିତ ହୋଇଛି । ୧୯୮୮ ମସିହା ଡ଼ିସେମ୍ବର ୯ ତାରିଖରେ ଜନ୍ମ ନେଇଥିବା ରାଜ୍ୟ ଓ ଜାତୀୟସ୍ତରରେ ଚର୍ଚ୍ଚିତ ବ୍ୟକ୍ତିତ୍ୱ ଭଦ୍ରକ ମାଟିର ସୁଯୋଗ୍ୟ ସନ୍ତାନ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୩୬ତମ ଜୟନ୍ତୀ ପାଳନ ଅବସରରେ ତାଙ୍କର ଏହି ପୂର୍ଣ୍ଣାବୟବ ମୂର୍ତ୍ତି ଉନ୍ମୋଚନ ଭଦ୍ରକ ଜିଲ୍ଲାପାଇଁ ଏକ ଗୌରାବାହ ବିଷୟ । ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା, ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି, ସାହିତ୍ୟିକ, ସମାଜସେବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ମାନ୍ୟଗନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ପ୍ରକାଶଥାଉକି କାନ୍ତକବିଙ୍କ ଜନ୍ମସ୍ଥଳୀ ତାଳପଦା ଠାରେ ଥିବା ସ୍ମୃତିପୀଠର ଉନ୍ନତିକରଣ ସହିତ କୋରକୋରା ଠାରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ପାର୍କ ନିର୍ମାଣ ପାଇଁ ସରକାରଙ୍କ ତରଫରୁ ଅନୁଦାନ ପ୍ରଦାନ କରାଯାଇଛି । ଜିଲ୍ଲା ପର୍ଯ୍ୟଟନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳଙ୍କ ଠାରୁ ପ୍ରାପ୍ତ ସୂଚନା ମତେ ୪ ଏକର ଜାଗାରେ ପାର୍କ ନିର୍ମାଣ, ସରକାରୀ ଜାଗାରେ ଥିବା ୧୨ ଏକର ବିଶିଷ୍ଟ ପୋଖରୀର ସୌନ୍ଦର୍ଯ୍ୟକରଣ, ଲେଜର ଲାଇଟ୍, ପ୍ରବେଶ ପଥରେ ପ୍ରତିମୂର୍ତ୍ତି ଆଦି ପାଇଁ ୪ କୋଟି ୭୨ ଲକ୍ଷ ଟଙ୍କା ଆସି ସାରିଛି । ତାଳପଦା ଠାରେ ଥିବା ଜନ୍ମପୀଠର ଉନ୍ନତିକରଣ ପାଇଁ ମଧ୍ୟ ୫୦ଲକ୍ଷ ଟଙ୍କା ଅନୁଦାନ ମିଳିସାରିଛି । ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ନିର୍ମାଣ ପାଇଁ ଆର.ଡ଼ି.-୧ ଓ ତାଳପଦା ଠାରେ ନିର୍ମାଣ ପାଇଁ ତିହିଡ଼ି ବ୍ଲକ୍ ପ୍ରଶାସନକୁ ଦାୟିତ୍ୱ ଅର୍ପଣ କରାଯାଇଛି ।

# ବଲାଙ୍ଗିରରେ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ବଲାଙ୍ଗିର, ୧୦/୧୨ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗିର ଜିଲ୍ଲା ସମେତ ଜିଲ୍ଲାରେ ଥିବା ସମସ୍ତ ତାଲୁକ ସ୍ତର ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି । ଏହି ଲୋକ ଅଦାଲତରେ ଜିଲ୍ଲା ନ୍ୟାୟାଧିଶ ଲଲାଟେନ୍ଦୁ ଜେନା, ବିକ୍ରମ କେଶରୀ ପଟ୍ଟନାୟକ, ଜଜ୍ ଫ୍ୟାମିଲି କୋର୍ଟ ବଲାଙ୍ଗିର ହିମାଂଶୁ ଶେଖର ସିଂହ, ଅତିରିକ୍ତ ଜିଲ୍ଲା ଜଜ୍ ପ୍ରଥମ ବଲାଙ୍ଗିର ପିୟ ରଂଜନ ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ବଲାଙ୍ଗିର ଜ୍ୟୋତି ରଜଂନ ଦାଶ, ସିଭିଲ ଜଜ୍ (ବରିଷ୍ଠ) ଚରନ୍ଜିତ ଓରାମ, ରେଜିଷ୍ଟର ବଲାଙ୍ଗିର ଜନ୍ମେଞ୍ଜୟ ପଲେଇ, ସିଭିଲ ଜଜ୍ (ବରିଷ୍ଠ), (ଏଲଆର୍ ଏଣ୍ଡସ୍ ଏଲ୍ଟିଭି) ବଲାଙ୍ଗିର ସୁକିତ କୁମାର ପାଣିଗ୍ରାହୀ, ସିଭିଲ ଜଜ୍ (କନିଷ୍ଠ) ମନୋଜ ମହାନ୍ତି, (ଏସ୍ଡିଜେଏମ୍) ବଲାଙ୍ଗିର ପ୍ରକାଶ କୁମାର କର, ଜେଏମ୍ଏଫ୍ସି ବଲାଙ୍ଗିର ପବ୍ଲିକ ପ୍ରୋସିକ୍ୟୁଟର (ଜିଲ୍ଲା ଜଜ୍ କୋର୍ଟ), ବଲାଙ୍ଗିର ସୁବାଷ ଚନ୍ଦ୍ର ମହାନ୍ତ ଏବଂ ସମସ୍ତ ଓକିଲମାନେ ଉପସ୍ଥିଜ ଥିଲେ । ଉକ୍ତ ଲୋକ ଅଦାଲତକୁ ବିନୟ କୁମାର ପାତ୍ର, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ବଲାଙ୍ଗିର ପରିଚାଳନା କରିଥିଲେ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ୨୭ଟି ଦେୱାନୀ ମକଦ୍ଦମା ଫଇସଲା ହୋଇଥିଲା । ୦୮ଟି ବ୍ୟାଙ୍କ ମକଦ୍ଦମାର ସମାଧାନ କରାଯାଇ ୯,୨୩,୨୨୯,୧୭/- ଆଦାୟ ହୋଇଥିଲା । ୧୦ଟି ବାଇକ ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ମୋଟ୍ ୬,୦୮,୦୦୦/- ର କ୍ଷତିପୂରଣ ଦେବା ପାଇଁ ଆଦେଶ କରାଯାଇଥିଲା । ୩୪୪ଟି ଫୌଜଦାରୀ ମକଦ୍ଦମା ଫଇସଲ କରାଯାଇ ଟ. ୧୦,୩୦,୫୦୦/-ର ଜୋରିମାନା ଆଦାୟ ହୋଇଥିଲା । ୪୮୪ଟି ପ୍ରାକ୍ ମକଦ୍ଦମା ମାମଲାର ସମାଧାନ କରାଯାଇ ୧୪,୬୩,୫୫୭/- ଟଙ୍କା ଆଦାୟ ହୋଇଥିଲା । ପାରିବାରିକ ମିଳାମିଶାରେ ୧୮ଟି ମାମଲା ଫଇସଲା ହୋଇଥିଲା ।

# ଜାତୀୟସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ

ମାଲକାନଗିରି, ୧୦/୧୨ (ନି.ପ୍ର): ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଆଜି ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ତାଲୁକ ଆଇନ ସେବା ପ୍ରାଧିକରଣ ମୋଟୁ, ଜେଏମଏଫସି କୋର୍ଟ ମାଥିଲି ଓ ଜେଏମଏଫସି କୋର୍ଟ କୁଡୁମୁଲୁଗୁମ୍ମା, ଗ୍ରାମ ନ୍ୟାୟଧିକାରୀ କୋରୁକୋଣ୍ଡା, ମାଲକାନଗିରି ଦ୍ୱାରା ଜାତୀୟ ସ୍ତରୀୟ ଲୋକ ଅଦାଲତ ମାଲକାନଗିରିର ସମସ୍ତ ବିଚାରଳୟ ତଥା ମାଥିଲି, ମୋଟୁ, କୁଡୁମୁଲୁଗୁମ୍ମା ଠାରେ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ଅନ୍ୟ ମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ଜଜ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ଶ୍ରୀମତୀ ଅଜନ୍ତା ଷଡଙ୍ଗୀ, ଅତିରିକ୍ତ ଜିଲ୍ଲା ଜର୍ଜ ଉଦୟ ଭାନୁ ଜେନା, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରି ସତ୍ୟପ୍ରିୟ ଦାସ, ବରିଷ୍ଠ ଦେବାନୀ ବିଚାରପତି ବିଜୟ କୁମାର ଦାସ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ଦେବାନି ବିଚାରପତି ରାଜେଶ କୁମାର ମୁଦୁଲି, ବରିଷ୍ଠ ଦେବାନି ବିଚାରପତି ( ମହିଳା କୋର୍ଟ) ଶ୍ରୀମତୀ ବବିତା ଦାସ, ରେଜିଷ୍ଟ୍ରାର ସିଭିଲ କୋର୍ଟ ଅରୂପ ନାୟକ, ଉପଖଣ୍ଡ ଦଣ୍ଡାଧିକାରୀ ରୁଦ୍ର ପ୍ରକାଶ ନାୟକ ଏବଂ ଗ୍ରାମ ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ମାଥିଲି ପଦ୍ମଲାଭ ମାଝି, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ମୋଟୁ ପ୍ରବୀଣ କୁମାର ହୋତା ଓ ପ୍ରଥମ ଶ୍ରେଣୀ ଦଣ୍ଡାଧିକାରି କୁଡୁମୁଲୁଗୁମ୍ମା ସୁମନ୍ତ କୁମାର ପଟ୍ଟନାୟକ ଓ ଗ୍ରାମ ନ୍ୟାୟଧିକାରୀ ଦେବେନ୍ଦ୍ରନାଥ ବାଗ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମୋକଦ୍ଦମାର ଫଇସଲା କରିଥିଲେ ।

ଏହି ଜିଲ୍ଲାସ୍ତରୀୟ ଲୋକ ଅଦାଲତରେ ମୋଟ ୩୫୨୭ ଗୋଟି ମୋକଦ୍ଦମର ଫଇସଲା କରାଯାଇ ୧ କୋଟି ୫୬ ହଜାର ୧୪ ଟଙ୍କା ଧାର୍ଯ୍ୟ କରାଯାଇଥିଲା । ଏହି ଲୋକ ଅଦାଲତରେ ଜିଲ୍ଲା କୋର୍ଟ, ଅତିରିକ୍ତ ଜିଲ୍ଲା ଜଜ କୋର୍ଟ, ସିଜେଏମ କୋର୍ଟ, ସବ ଜର୍ଜ କୋର୍ଟ, ଏସଡ଼ିଜେଏମ କୋର୍ଟ, ମୋଟୁ ଜେଏମଏଫସି କୋର୍ଟ, ମାଥିଲି ଜେଏମଏଫସି କୋର୍ଟ, କୁଡୁମୁଲୁଗୁମ୍ମା ଜେଏମଏଫସି କୋର୍ଟ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ଓ ତାଲୁକ ଆଇନ ସେବା ସମିତି, ମୋଟୁ ର ସମସ୍ତ କର୍ମଚାରୀ ଓ ମାଲକାନଗିରି ଓ ମୋଟୁ ର ଓକିଲ ସଂଘର ସଭ୍ୟ ଗଣ ଉପସ୍ଥିତ ରହି ଅଦାଲତ କାର୍ଯ୍ୟରେ ସମ୍ପୂର୍ଣ ସହଯୋଗ କରିଥିଲେ।

## ଚମ୍ପୁଆ ବ୍ଲକ କଂଗ୍ରେସ ଓ ଟାଉନ କଂଗ୍ରେସ ସଭାପତି ମନୋନୀତ

ଚମ୍ପୁଆ, ୧୦/୧୨ (ନି.ପ୍ର): ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଜିଲ୍ଲା କମିଟି, ବ୍ଲକ ଓ ଟାଉନ ସଭାପତି ଙ୍କ ନାମ ପ୍ରକାଶ ପାଇଛି । ଚମ୍ପୁଆ ବ୍ଲକ କଂଗ୍ରେସ ସଭାପତି ଭାବେ ରଂଜିତ କୁମାର ବେହେରା ଏବଂ ଚମ୍ପୁଆ ପୌରାଂଚଳର ସଭାପତି ଭାବେ ସଫାକତ ଆନସାରୀ ମନୋନୀତ ହୋଇ ଥିବାରୁ କର୍ମକର୍ତା ଙ୍କ ଭିତରେ ଆନନ୍ଦ ଓ ଉତ୍ସାହ ବୃଦ୍ଧି ପାଇଛି । ସାଧାରଣ ନିର୍ବାଚନ ଆଉ କେତେମାସ ବାକି ଥିଲା ବେଳେ ଏହି ନିଯୁକ୍ତି ଅତ୍ୟନ୍ତ ଗୁରୁତ୍ୱ ବହନ କରେ । ଏ,ଆଇ,ସି,ସି ଓ ପିସିସି ନେତୃବୃନ୍ଦ ଅକ୍ଷସ୍ଥା ପ୍ରକଟ କରିଥିବାରୁ ଉଭୟ କୃତଜ୍ଞତା ଜଣାଇବା ସହ ପୂର୍ବତନ ଜିଲ୍ଲା ସଭାପତି ବିପ୍ଲବ ମିଶ୍ର, ସଭାପତି ମୋହନ ପରିଡା,ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା ଏବଂ ପିସିସି ସଭାପତି ଶରତ ପଟ୍ଟନାୟକ ଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ମ୍ୟାନେଜମେଂଟ ବିଦ୍ୟାର୍ଥୀଙ୍କ ବିଭିନ୍ନ ଯୋଜନା ଅନୁଧ୍ୟାନ

ପୁରୀ, ୧୦/୧୨ (ନି.ପ୍ର): ଭାରତର ଧାର୍ମିକ ଚାରିଧାମ ମଧ୍ୟରୁ ପୁରୀ ଜଗନ୍ନାଥ ମନ୍ଦିର ଅନ୍ୟତମ। ପୁରୀ କେବଳ ଧାର୍ମିକ କ୍ଷେତ୍ର ଭାବେ ନୁହେଁ ପର୍ଯ୍ୟଟନ କ୍ଷେତ୍ର ଭାବେ ମଧ୍ୟ ଲକ୍ଷ ଲକ୍ଷ ଲୋକଙ୍କୁ ଆକୃଷ୍ଟ କରିଥାଏ। ତେଣୁ ଏହି ବିପୁଳ ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଓ ସୁରକ୍ଷିତ ଯାତ୍ରା ପରିଚାଳନା ଏକ ସଫଳ ମ୍ୟାନେଜମେଣ୍ଟ ବ୍ୟବସ୍ଥା ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ମତ ଦେଇଛନ୍ତି। ଆଜି ଅପରାହ୍ନରେ ସର୍କିଟ ହାଉସ ଠାରେ ଦେଶର ବିଭିନ୍ନ ମ୍ୟାନେଜମେଂଟ ଅନୁଷ୍ଠାନରୁ ଆସିଥିବା ବିଦ୍ୟାର୍ଥୀ ମାନଙ୍କ ସହ ଶ୍ରୀ ସାହୁ ଆଲୋଚନା କରିଥିଲେ। ଜିଲ୍ଲା ପ୍ରଶାସନର ବିବିଧ କାର୍ଯ୍ୟ ସମ୍ପର୍କରେ ଶ୍ରୀ ସାହୁ ସେମାନଙ୍କୁ ସୂଚନା ଦେବା ସହ ବିଦ୍ୟାର୍ଥୀ ମାନଙ୍କ ବିଭିନ୍ନ ପ୍ରଶ୍ନର ଉତର ମଧ୍ୟ ଦେଇଥିଲେ। ପୂର୍ବାହ୍ନରେ ଏହି ଟିମ ପୁରୀରେ ପହଂଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଉତ୍କର୍ଷ ବିଜୟଙ୍କ ତତ୍ତ୍ୱାବଧାନରେ ଆଇଆଇଏମ ବାଙ୍ଗାଲୋର, ଆଇଆଇଏମ କୋଲକାତା, ଏଫ.ଏମ.ଏସ. ଦିଲ୍ଲୀ, ଆଇଆଇଏମ ଲକ୍ଷ୍ନୌ, ବିଟସମ ମୁମ୍ବାଇ ଓ ଏକ୍ସଆଇଏମ ଭୁବନେଶ୍ୱରରୁ ଆସିଥିବା ଏହି ୧୮ ଜଣିଆ ବିଦ୍ୟାର୍ଥୀ ମାନେ ପ୍ରଥମେ ସରକାରୀ ବାଳିକା ବିଦ୍ୟାଳୟରେ ପହଂଚି ବିଦ୍ୟାଳୟର ଭିତିଭୂମି, ପରିବେଶ ଦେଖିବା ସହ ଛାତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ। ପରେ ତାଳବଣିଆ ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର, ନୀଳାଦ୍ରି ବିଚ ସ୍ଥିତ ମିଶନ ଶକ୍ତି କାଫେ ଦେଖିବା ସହ ଉଦ୍ଦେଶ୍ୟ, ଲକ୍ଷ୍ୟ ଓ କାର୍ଯ୍ୟ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଉତ୍କଳ ବାଳାଶ୍ରମ ଓ ଜଗନ୍ନାଥ ଷ୍ଟାଡିୟମ ବୁଲି ଅନ୍ତେବାସୀଙ୍କ ସହ କଥା ହୋଇଥିଲେ। ପରେ ବାଟମଙ୍ଗଳା ଛକ ସ୍ଥିତ ମୋ ସ୍ୱୋ କେନ୍ଦ୍ର ଓ କୁକୁଡ଼ା ଫାର୍ମ ପରିଦର୍ଶନ କରି ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି କ୍ଷେତ୍ର ପରିଦର୍ଶନ ବିଦ୍ୟାର୍ଥୀମାନଙ୍କ କ୍ୟାରିଅର ପାଇଁ ଅନେକ ଉପଯୋଗୀ ସାବ୍ୟସ୍ତ ହେବା ସହ ଅଭିଜ୍ଞତା ଆଗକୁ ବଢ଼ିବାରେ ସାହାଯ୍ୟ କରିବ ବୋଲି ସମଗ୍ର ଅନୁଷ୍ଠାନର କର୍ମକର୍ତା ତଥା ଟିମ୍ ମ୍ୟାନେଜର ଉତ୍କର୍ଷ ଓ ସିଦ୍ଧାନ୍ତ ମତ ଦେଇଥିଲେ। ଏହି ପରିଦର୍ଶନରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସହଯୋଗ କରିଥିଲେ।

# ଶିକ୍ଷାର ବିକାଶ ପାଇଁ ଉତ୍ତମ ଶିକ୍ଷକ ନିଯୁକ୍ତି କରନ୍ତୁ ସରକାର: ନରସିଂହ ମିଶ୍ର

ବଲାଙ୍ଗିର, ୧୦/୧୨ (ନି.ପ୍ର): ଛାତ୍ରଛାତ୍ରୀ, ଯୁବକ ଯୁବତୀଙ୍କ ଶିକ୍ଷା, କ୍ରୀଡା, ସଂସ୍କୃତିର ବିକାଶ ପାଇଁ ବର୍ତ୍ତମାନ ସରକାର ଅନେକ ଯୋଜନା ଆଣୁଛନ୍ତି । କିନ୍ତୁ ଯୋଜନାର ଭୁଲ କାର୍ଯ୍ୟକାରିତା ଯୋଗୁଁ ଯୋଜନା ପ୍ରଣୟନର ମୁଖ୍ୟ ଉଦ୍ଦେଶ୍ୟ ସାଧିତ ହେଇ ପାରୁନାହିଁ । ଯେପରିକି ବର୍ତ୍ତମାନ ‘ନୂଆଁ - ଓ‘ ଯୋଜନା ମାଧ୍ୟମରେ କଲେଜ ଗୁଡିକୁ ବିଭିନ୍ନ କ୍ରୀଡାର ଆୟୋଜନ ପାଇଁ ଅନୁଦାନ ଆସିଛି କିନ୍ତୁ ଦୁଃଖର ବିଷୟ ଅନେକ ଶିକ୍ଷାନୁଷ୍ଠାନରେ ଖେଳପଡିଆ ନାହିଁ । ଏପରି ପରିସ୍ଥିତିରେ ବିନା ଖେଳ ପଡିଆରେ ଛାତ୍ରଛାତ୍ରୀମାନଙ୍କ କ୍ରୀଡାର ବିକାଶ କିପରି ହୋଇ ପାରିବ ବୋଲି ଶନିବାର ବଲାଙ୍ଗୀର ସଦର ବ୍ଲକ ସ୍ଥିତ ଚନ୍ଦନଭାଟିର ସଦ୍‌ରାମ ଚରଣ ଡିଗ୍ରୀ ମହାବିଦ୍ୟାଳୟର ଆୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ‘ନୂଆଁ-ଓ‘ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର କହିଛନ୍ତି। ଏ ଅବସରରେ ବିଧାୟକ ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ ୫-ଟି ଯୋଜନା ମାଧ୍ୟମ ସରକାର ଅନେକ ସ୍କୁଲର ସୌନ୍ଦର୍ଯ୍ୟକରଣ କରିଛନ୍ତି ସତ କିନ୍ତୁ ଶିକ୍ଷା ଆହରଣ ପାଇଁ ଦରକାର ମୁଖ୍ୟ ଉପାଦାନ ଶିକ୍ଷକ, ଅଧ୍ୟାପକଙ୍କ ଘୋର ଅଭାବ ଦେଖାଦେଇଛି । ଏପରି ସ୍ଥଳେ ଛାତ୍ରଛାତ୍ରୀ ଉତ୍ତମ ଶିକ୍ଷା ଆହରଣ କରିବେ କେମିତି ?


ଶିକ୍ଷା ଭିତ୍ତିଭୂମୀ ବିକାଶ ସାଙ୍ଗକୁ ଏହାର ସୌନ୍ଦର୍ଯ୍ୟକରଣ ମଧ୍ୟ ଦରକାର କିନ୍ତୁ ଏହା ବି ସତ୍ୟ ଯେ ପୁରାତନ କାଳରେ ଗଛବୃକ୍ଷ ତଳେ ମଧ୍ୟ ପାଠ ପଢି ଅନେକ ମହାମନୀଷୀ ସୃଷ୍ଟି ହୋଇ ପାରିଛନ୍ତି ଏବଂ ଏହା ସମ୍ଭବ ହୋଇ ପାରିଛି କେବଳ ସେ ସମୟର ଉତ୍ତମ ଶିକ୍ଷକ ମାନଙ୍କ ଦ୍ୱାରା, ତେଣୁ ବର୍ତ୍ତମାନ ସରକାର ସବୁ ଶିକ୍ଷାନୁଷ୍ଠାନରେ ଉତ୍ତମ ଶିକ୍ଷକ କର୍ମଚାରୀ ପ୍ରଦାନ କରିବା ଦରକାର । ଯାହାଦ୍ୱାରା ହିଁ ଶିକ୍ଷାର ବିକାଶ ହୋଇପାରିବ ଏବଂ ଅଂଚଳର ଆର୍ଥିକ ସାମାଜିକ ବିକାଶରେ ଏହା ସହାୟକ ହେବ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା କ୍ଷ ଏ ସମସ୍ତ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଜସ୍ମିନ ନନ୍ଦ ଧନ୍ୟବାଦ ଦେଇ ସଭା ଶେଷ ଘୋଷଣା କରିଥିଲେ ।

# ଭାଲୁ ଆକ୍ରମଣରେ ଠିକାଦାରଙ୍କ ମୃତ୍ୟୁ


ନବରଙ୍ଗପୁର, ୧୦/୧୨ (ନି.ପ୍ର): ନବରଙ୍ଗପୁରରେ ଭାଲୁ ଆକ୍ରମଣରେ ଜଣେ ଠିକାଦାରଙ୍କ ମୃତ୍ୟୁ ଘଟିଛି । ଆଜି ଭୋର୍ ସମୟରେ ଶୌଚ ପାଇଁ ଯାଇଥିବା ବେଳେ ନବରଙ୍ଗପୁର ବ୍ଲକ ର ଭତରା ସିଉନି ଗାଁ ନିକଟରେ ଭାଲୁଟି ତାଙ୍କୁ ଆକ୍ରମଣ କରିଥିଲା । ଭାଲୁଟି ତାଙ୍କୁ ଆକ୍ରମଣ କରି ତଳେ ପକାଇବା ସହ ମାରି ଖାଇବାକୁ ଉଦ୍ୟମ କରିଥିଲା । ସେହି ବାଟ ଦେଇ ଯାଉଥିବା କିଛି ଲୋକ ଏହା ଦେଖି ଭାଲୁଟିକୁ ସେଠାରୁ ଘଉଡାଇବାକୁ ଚେଷ୍ଟା କରିଥିଲେ ବି ଭାଲୁଟି ତାଙ୍କୁ ଛାଡି ନଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି । ମୃତ ଠିକାଦାରଙ୍କ ନାମ ବ୍ରଜେଶ ଦ୍ୱିବେଦୀ ଏବଂ ଘର ମଧ୍ୟପ୍ରଦେଶରେ ବୋଲି ଜଣାପଡିଛି। ଏଠାରେ ସେ ଭାରତମାଳା ପ୍ରକଳ୍ପରେ କାର୍ଯ୍ୟ କରୁଥିଲେ । ଖବର ପାଇ ନବରଙ୍ଗପୁର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ମୃତ ଠିକାଦାରଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି । ସେମାନେ ଆସିବା ପରେ ଶବ ବ୍ୟବଚ୍ଛେଦ କରାଯିବ । ବନ ବିଭାଗ ଟିମ୍ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଚଳାଇଛି ।

# ମସ୍ତିଷ୍କାଘାତ

**ପୁରୁଷଙ୍କ ତୁଳନାରେ ମହିଳା ଅଧିକ ସଂଖ୍ୟାରେ ବ୍ରେନ ଷ୍ଟ୍ରୋକ ବା ମସ୍ତିଷ୍କାଘାତ ରୋଗରେ ଆକ୍ରାନ୍ତ ହେଉଥିବା ଦେଖାଯାଇଛି। ଜନ୍ମ ନିୟନ୍ତ୍ରଣ ଔଷଧ, ହରମୋନ ଥେରାପି ଏବଂ ଗର୍ଭଧାରଣ ଅବସରରେ ଏହି ରୋଗର ଆଶଙ୍କା ଅଧିକ। ଏହି ରୋଗ ହେଲେ ସିଧାସଳଖ ମସ୍ତିଷ୍କ ଉପରେ ପ୍ରଭାବ ପଡ଼ିଥାଏ।**





ଏହି ରୋଗରେ ମସ୍ତିଷ୍କ ଆଡ଼କୁ ଯାଉଥିବା ଧମନୀ ଫାଟିଯାଏ। ଫଳରେ ମସ୍ତିଷ୍କକୁ ରକ୍ତଦାହ ଏବଂ ଅମ୍ଳଜାନ ଯୋଗାଣ ବନ୍ଦ ହଠାତ୍ ହୋଇଯାଏ। ଏଠାରେ ଥିବା କୋଶିକା ନଷ୍ଟ ହୋଇଯାଏ। ମସ୍ତିଷ୍କ ଦ୍ୱାରା ନିୟନ୍ତ୍ରିତ ଅଙ୍ଗ ପ୍ରଭାବିତ ହେବା ସାଙ୍ଗକୁ ଦେଖିବା, ସମନ୍ୱୟ ରକ୍ଷା ଏବଂ କଥା କହିବା ଇତ୍ୟାଦିରେ ଅସୁବିଧା ଉପୁଜେ। ୫୫ବର୍ଷ ଟପିଯିବା ପରେ ପ୍ରତିବର୍ଷ ବର୍ଷରେ ଷ୍ଟ୍ରୋକର ଆଶଙ୍କା ଦ୍ୱିଗୁଣିତ ହୋଇଯାଏ। ସେହିପରି ୬୫ବର୍ଷରୁ ଅଧିକ ବୟସର ଲୋକଙ୍କ ଠାରେ ଷ୍ଟ୍ରୋକର ଆଶଙ୍କା ଦୁଇ ତୃତୀୟାଂଶ ହୋଇଥାଏ। ତେବେ କେବଳ ବୃଦ୍ଧାବସ୍ଥାରେ ଯେ ଷ୍ଟ୍ରୋକ ହୁଏ ସେ କଥା ନୁହେଁ। ୩୦/୪୦ ବର୍ଷ ବୟସରେ ମଧ୍ୟ ଷ୍ଟ୍ରୋକ ହୋଇଥାଏ। ବିଭିନ୍ନ ପ୍ରକାର ବ୍ରେନ ଷ୍ଟ୍ରୋକ ରହିଛି। ସେଗୁଡ଼ିକ ହେଲା ଇସ୍କିମିକ ଷ୍ଟ୍ରୋକ, ହାମରୋଜିକ ଷ୍ଟ୍ରୋକ, ନୀରବ ଷ୍ଟ୍ରୋକ, ଟ୍ରାନସିଏଣ୍ଟ ଇସ୍କିମିକ ଷ୍ଟ୍ରୋକ ଏବଂ ଆର୍ଟେରୀ ଡିସେକସନ ଇସ୍କିମିକ ଷ୍ଟ୍ରୋକ, ମସ୍ତିଷ୍କ କିମ୍ବା ଏହାର ପାଖକୁ ଥିବା ଧମନୀରେ ଅବରୋଧ ଘଟିବା କାରଣରୁ ହୋଇଥାଏ। ଅବରୋଧ ଦୂର କରିବା ଔଷଧ ଦ୍ୱାରା ଏହାର ଚିକିତ୍ସା କରାଯାଇଥାଏ।

ହାମରେଜିକ ଷ୍ଟ୍ରୋକ ରକ୍ତନଳୀ ଫାଟିଯିବା କାରଣରୁ ହୋଇଥାଏ। ଏହାଫଳରେ ମସ୍ତିଷ୍କର ଭିତର ଅଥବା ଆଖପାଖରେ ରକ୍ତସ୍ରାବ ହୁଏ। ଏହି କ୍ଷତିର ଭରଣା ଅସ୍ତ୍ରୋପଚାର ଦ୍ୱାରା କରାଯାଇଥାଏ। ସେହିପରି ନିରବ ଷ୍ଟ୍ରୋକର କୌଣସି ଲକ୍ଷଣ ନାହିଁ। ଏହି ଷ୍ଟ୍ରୋକ ସମ୍ପର୍କରେ ମଧ୍ୟ ହଠାତ୍ କିଛି ଜାଣିହୁଏ ନାହିଁ। ସିଟିସ୍କାନ କିମ୍ବା ଏମଆରଆଇ ଦ୍ୱାରା ଏହାର କ୍ଷତି ସଂପର୍କରେ ଜଣାପଡ଼େ। ଟ୍ରାନସିଏଣ୍ଟ ଇସ୍କମିକ ଷ୍ଟ୍ରୋକ ଟି.ଆଇ.ଏ. ବା ମିନିଷ୍ଟ୍ରୋକ ନାମରେ ପରିଚିତ। ମସ୍ତିଷ୍କକୁ ରକତ ପ୍ରବାହ କମିଗଲେ ଏହି ଷ୍ଟ୍ରୋକ ହୋଇଥାଏ। କିନ୍ତୁ ରକ୍ତନଳୀ ସମ୍ପୂର୍ଣ୍ଣ ବନ୍ଦ ହୁଏନାହିଁ। ଏହି ଷ୍ଟ୍ରୋକ ହାଲକା ହୋଇଥିଲେ ମଧ୍ୟ ମସ୍ତିଷ୍କର କ୍ଷକ୍ଷତି ଘଟାଇବାର ଆଶଙ୍କା ଥାଏ ଏବଂ ଏହା ମଧ୍ୟ ବଡ଼ ଷ୍ଟ୍ରୋକର ସୂଚନା ବୋଲି କୁହାଯାଏ। ଥରେ କିମ୍ବା ତା ଠାରୁ ଅଧିକ ଟିଆଇଏ ହେବା ଦ୍ୱାରା ଷ୍ଟ୍ରୋକ ହେବାର ଆଶଙ୍କା ପ୍ରାୟ ଦଶଗୁଣ ବଢ଼ିଯାଏ। ଆର୍ଟେରୀ ଡିସେକସନ ଷ୍ଟ୍ରୋକ ୪୫ ରୁ କମ ବୟସର ଲୋକଙ୍କୁ ହୋଇଥାଏ। ଏହାଦ୍ୱାରା ଗଳାରେ ଧମନୀର ରେଖା ଫାଟିଯାଏ। ଏବଂ ରକ୍ତନଳୀ ବନ୍ଦ ହୋଇଯାଏ। ଏ ପ୍ରକାର ଷ୍ଟ୍ରୋକର କେକେ କାରଣ ରହିଛି।

**ଷ୍ଟ୍ରୋକ୍‌ର ଲକ୍ଷଣ:** କଥା କହିବାରେ ଅସୁବିଧା ସୃଷ୍ଟି ହୋଇଥାଏ। ସେହିପରି ଝାପସା ଦେଖାଯିବା, ମୁଣ୍ଡ ବୁଲାଇ ହେବା ଅଥବା ପଡ଼ିଯିବା, ବେହୋସ ହେବା ଅଥବା ଜୋରରେ ମୁଣ୍ଡ ବ୍ୟଥା ହୋଇଥାଏ। ଦୁର୍ବଳ ଲାଗିବା ସହ ନିଶ୍ୱାସପ୍ରଶ୍ୱାସରେ ଅସୁବିଧା ଅନୁଭବ କରିବା। ଜୋରରେ ହୃତ୍‌ସ୍ପନ୍ଦ ହେବା।

**ସଚେତନତା:** ଷ୍ଟ୍ରୋକର ବିପଦ କମାଇବା ପାଇଁ ଖଶଦ୍ୟୋପୟରେ ନିୟନ୍ତ୍ରଣ ରଖିବା ଉଚିତ। କୋଲେଷ୍ଟ୍ରୋଲ ହ୍ରାସ କରିବା, ନିୟମିତ ବ୍ୟାୟାମ, ସନ୍ତୁଳିତ ଆହାର ସେବନ, ଓଜନକୁ ନିଜ ନିୟନ୍ତ୍ରଣରେ ରଖିବା ଉଚିତ। ରକ୍ତଚାପ ପ୍ରତି ଧ୍ୟାନ ଣଖିବା ଜରୁରୀ। ହୃଦରୋଗ ଏବଂ ଷ୍ଟ୍ରୋକ ଉଭୟ ମଧ୍ୟରେ ସମ୍ପର୍କ ରହିଛି। ତେଣୁ ଏଥିଣୁ ଗୋଟିକର ଆଶଙ୍କା ହ୍ରାସ ପାଇଲେ ଅନ୍ୟଟି ସ୍ୱତଃ କମେ।

# ସ୍ମାର୍ଟଫୋନ୍ ବ୍ୟବହାର୍‌କାରୀ ସାବଧାନ !



ସ୍ମାର୍ଟଫୋନ୍ ବ୍ୟବହାରୀଙ୍କୁ ଅଧିକ ଅହଂକାର ଏବଂ ନକରାତ୍ମକ ଚିନ୍ତା ଆସିଥାଏ। ଯଦ୍ୱାରା ସେମାନେ ଅଧିକ ଈର୍ଷା ପରାୟଣ ଏବଂ ଏକାକୀ ଅନୁଭବ କରିଥାନ୍ତି। ଲଣ୍ଡନର ପ୍ରଥମ ଅନୁଧ୍ୟାନ ଅନୁସାରେ ସ୍ମାର୍ଟଫୋନ୍ ବ୍ୟବହାରୀଙ୍କ ମନ ଉପରେ ଏହା ଖରାପ ପ୍ରଭାବ ପକାଇଥାଏ। ବୋଲି ଡର୍ବି ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନ ପ୍ରଫେସର ଜାହିର୍ ହୁସେନ୍ ପ୍ରକାଶ କରିଛନ୍ତି। ପ୍ରାୟ ୧୩ ପ୍ରତିଶତ ବ୍ୟବହାରଙ୍କ ପାଇଁ ଏହା ନିଶା ହୋଇଥିବାବେଳେ ଦିନକୁ ୩.୬ ଘଣ୍ଟା ସମୟ ଏଥିରେ ବିତିଥାଏ। ରିସର୍ଚ୍ଚ ଅନୁଯାୟୀ ସ୍ମାର୍ଟଫୋନ୍ କିଣିବା ପୂର୍ବରୁ ବ୍ୟବହାରୀଙ୍କୁ ଅତ୍ୟଧିକ ସୂଚିତ କରାଯାଉଛି।

# ସୁନ୍ଦର୍ କେଶ ପାଇଁ...



କେଶରେ ଲଗାନ୍ତୁ। ସାମ୍ପୁ ଲଗାଇ କେଶର ଉପରି ଭାଗ ଧୋଇସାରିବା ପରେ ବେକ ସାମାନ୍ୟ ଝୁଙ୍କାଇ କେଶ ମୂଳ ସଫା କରନ୍ତୁ। ଏହା ଦ୍ୱାରା କେଶରୁ ଧୂଳିମଳି ସମ୍ପୂର୍ଣ୍ଣ ଛାଡ଼ିଯାଏ।

- କେଶକୁ ଭଲ ଭାବେ କୁଣ୍ଡାଇ ସାରିବା ପରେ ଧୁଅନ୍ତୁ। ଏହା ଦ୍ୱାରା କେଶ ଧୋଇବା ଓ ଶୁଖାଇବା ସହଜହୁଏ। କେଶ ଛିଣ୍ଡେନାହିଁ। କେଶ ମୂଳ ଢିଲା ହେବା କିମ୍ବା ଝଡ଼ିବା ସମସ୍ୟା ରହେନାହିଁ।
- କେଶର ପ୍ରକାର ଅର୍ଥାତ୍ ତେଲିଆ ବା ଶୁଷ୍କ କେଶ ଅନୁସାରେ ସାମ୍ପୁ ବ୍ୟବହାର କରନ୍ତୁ। ଜଡ଼ିବୁଟି ପ୍ରସ୍ତୁତ ସାମ୍ପୁ କେଶ ପାଇଁ ଅଧିକ ଭଲ। ଏହାଦ୍ୱାରା କେଶ ମୂଳ ଶକ୍ତ ରହେ, ରୂପି ସମସ୍ୟା ଦୂରହୁଏ।
- ଅଳ୍ପ ପାଣିରେ ସାମ୍ପୁ ଫେଣ୍ଟି ଓଦା କେଶରେ ଲଗାନ୍ତୁ।
- ଧୋଇସାରିବା ପରେ କେଶରେ ଶୁଖିଲା ତଉଲିଆ ହାଲୁକା ଭାବେ ଗୁଡ଼ାଇ ଦିଅନ୍ତୁ। କେଶରୁ ପାଣି ଛାଡ଼ିଯିବା ପରେ ଖରାରେ ଶୁଖାନ୍ତୁ, କେଶ ଫାଟିବ ନାହିଁ।
- ରାତିରେ କେଶ ସଫା କରୁଥିଲେ ସତର୍କ ରହନ୍ତୁ। ଧୋଇବା ପରେ ଭଲ ଭାବେ କେଶ ଶୁଖାନ୍ତୁ। ଓଦା ରହିଲେ କେଶ ଉପୁଡ଼େ।
- ଅଧିକ ସାମ୍ପୁ ଓ କଣ୍ଡିସନର ବ୍ୟବହାରରୁ କ୍ଷାନ୍ତ ରହନ୍ତୁ।

# ସ୍ୱାସ୍ଥ୍ୟ ପାଇଁ ଜାମୁକୋଳି



ଜାମୁକୋଳ ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ। ଏଥିରେ ଅନେକ ପ୍ରକାର ଔଷଧୀୟ ଗୁଣ ରହିଛି। ବିଶେଷ କରି ମଧୁମେହ ରୋଗୀମାନେ ଜାମୁକୋଳି ଏବଂ ତାର ପତ୍ରକୁ ସେବନ କରିବା ଦ୍ୱାରା ସେମାନଙ୍କର ରକ୍ତରେ ଶର୍କରାର ପରିମାଣ ନିୟନ୍ତ୍ରିତ ହୋଇଥାଏ। ଏହା ଖାଦ୍ୟର ଶ୍ୱେତସାରକୁ ଶକ୍ତିରେ ପରିଣତ କରିବାରେ ସହାୟକ ହୋଇଥାଏ। ଯାହାଦ୍ୱାରାକି ରକ୍ତରେ ଶର୍କରାରେ ପରିମାଣ ନିୟନ୍ତ୍ରିତ ରୁହେ। ଜାମୁକୋଳି ମଞ୍ଜିକୁ ମଧ୍ୟ ମଧୁମେହ ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ହଜମ ପ୍ରକ୍ରିୟା ବି ସହାୟକ ହୁଏ। ସେହିପରି ସୌନ୍ଦର୍ଯ୍ୟରକ୍ଷାର ଜାମୁକୋଳିର ଖୁବ ମହତ୍ତ୍ୱ ରହିଛି। ଏହାକୁ ସେବନ କରିବା ଦ୍ୱାରା ମୁଖବ୍ରଣ, ଦାଗ, ଭଙ୍ଗ ପରି ସମସ୍ୟା ଦୂର ହୋଇଥାଏ। ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ସି ଥିବାର ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ।



# ମଶା ଦାଉରୁ ମୁକ୍ତି ପାଇବାର ଘରୋଇ ଉପାୟ




ମଶା କାମୁଡ଼ାରୁ ରକ୍ଷା ପାଇବା ପାଇଁ ଘରେ ଏବେ ମଶାଧୂପ ବ୍ୟବହାର କରାଯାଉଛି ଯାହାକି ସ୍ୱାସ୍ଥ୍ୟ ପ୍ରତି ହାନିକାରକ। ତେବେ ଘରୋଇ ଉପାୟରେ ମଧ୍ୟ ଏହାର ପ୍ରତିକାର ସମ୍ଭବ...।

- ରସୁଣ ଗନ୍ଧ ମଶା ସହି ପାରିନଥାଏ। ତେଣୁ ରସୁଣ କୋଳା କେତୋଟିର ଚୋପା ଛଡ଼ାଇ ଗୋଟିଏ ପାତ୍ରରେ ପାଣିରେ ପକାଇ ଫୁଟାନ୍ତୁ। ଏହାପରେ ଏହାକୁ ଥଣ୍ଡାପାଣି ସହ ମିଶାଇ ଗୋଟିଏ ବୋତଲରେ ରଖନ୍ତୁ। ଏହି ପାଣିକୁ ଛାତ ଉପର, ଘରର ବିଭିନ୍ନ କୋଣ ଓ ପର୍ଦ୍ଦା, ଏପରିକି ଘରର ଚାରିପଟେ ଛାଟନ୍ତୁ। ଏହାଦ୍ୱାରା ମଶା ଆଖପାଖରେ ପ୍ରବେଶ କରିବେ ନାହିଁ।
- ଘର ମଧ୍ୟରେ ଗୋଟିଏ ପାତ୍ରରେ କର୍ପୂର ଜଳାଇ କବାଟ, ଝରକା ବନ୍ଦ କରି ଦିଅନ୍ତୁ। ୧୫ ମିନିଟ୍ ପରେ କବାଟ, ଝରକା ଖୋଲି ଦିଅନ୍ତୁ। ଦେଖିବେ ମଶା ସହ ଗ୍ୟାସ ମଧ୍ୟ ପଳାଇବ।
- ପୁଦିନା ପାଣି ମଧ୍ୟ ମଶାକୁ ଭଲ ଲାଗେନି। କିଛି ପାଣିନେଇ ପୁଦିନା ପତ୍ରକୁ ସେଥିରେ ରଖି ଫୁଟାନ୍ତୁ। ଏହାପରେ ଏହି ପାଣିକୁ ଘରର ଚାରିକଡ଼େ ଛାଟି ଦିଅନ୍ତୁ। ଦେଖିବେ ମଶା ହେବେ ନାହିଁ।
- ଘର ଚତୁଃପାର୍ଶ୍ୱରେ ତୁଳସୀ ଗଛ ଲଗାଇଲେ ମଶାଙ୍କ ଗହଳ କମିଯାଏ।
- ଗୋଟିଏ ପାତ୍ରରେ ପାଣି ନେଇ ଲୁଣ ଗୋଳାଇ ଛାଟନ୍ତୁ। ଦେଖିବେ ମଶା ଘରକୁ ଆସିବେ ନାହିଁ।







# ୪୦୦ ବୁଲା କୁକୁରଙ୍କ ମାଆ



ଦକ୍ଷିଣ ଦିଲ୍ଲୀରେ ଏକ ଛୋଟିଆ ଟିଣା ଛପର ଘରେ ରହୁଥିବା ଏହି ବୃଦ୍ଧାଙ୍କ ହୃଦୟ ଯେତିକି ବିଶାଳ, ସେତିକି ମହାନ। ତାଙ୍କ ପ୍ରାଣୀ ସ୍ନେହ ଅନନ୍ୟ। ଚାରିଶହରୁ ଅଧିକ ବୁଲା କୁକୁର ପାଳିଛନ୍ତି। ନିୟମିତ ସେମାନଙ୍କ ସେବା ଯତ୍ନ କରୁଛନ୍ତି। ଖାଦ୍ୟ ରାନ୍ଧି, ହାତରେ କୁକୁରଙ୍କୁ ଖୁଆଉଛନ୍ତି। ବାଷଠି ବର୍ଷ ବୟସ୍କା ଏହି ବୃଦ୍ଧାଙ୍କ ନାଁ ପ୍ରତିମା ଦେବୀ। ଆଖପାଖ ଅଂଚଳରେ ସେ 'ବୁଲା କୁକୁରଙ୍କ ମାଆ' ଭାବେ ଜଣାଶୁଣା। ପ୍ରତିମାଙ୍କ ମୂଳ ଘର ପଶ୍ଚିମବଙ୍ଗ। ମାତ୍ର ସାତ ବର୍ଷ ବୟସରେ ତାଙ୍କର ବିବାହ ହୋଇଥିଲା। ସ୍ୱାମୀ ଥିଲେ ତାଙ୍କଠାରୁ ଦଶବର୍ଷ ବଡ଼। ମଦ୍ୟପ ସ୍ୱାମୀଙ୍କ ନିର୍ଯାତନା ଓ ଲାଞ୍ଛନା ସହି ନପାରି ପିଲାଙ୍କ ସହ ୧୯୮୦ରେ ଦିଲ୍ଲୀ ଆସିଥିଲେ। ଏକ ଚାହା ଦୋକାନ ମାଧ୍ୟମରେ ଜୀବିକା ନିର୍ବାହ ଆରମ୍ଭ ହୋଇଥିଲା।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୧ ଡିସେମ୍ବର ୨୦୨୩, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପରିବର୍ତ୍ତନର ସ୍ୱର ...

ଏକ ଗଣତନ୍ତ୍ରରେ ସାଧାରଣ ଜନତା ଯେଉଁ ନେତାଙ୍କୁ ସେମାନଙ୍କ ବହୁମୂଲ୍ୟ ଭୋଟ୍ ଦେଇ ନିର୍ବାଚିତ କରିଥାନ୍ତି, ବେଳେବେଳେ ସେଇ ନେତାଙ୍କ ନିକଟରେ ନିଜର ମନୋଭାବ ପ୍ରକାଶ କରିବା ତ ଦୂରର କଥା, ଅନେକ ସମୟରେ କେତେକ ବିଶେଷ ଅବସରକୁ ବାଦ୍ ଦେଲେ ସେମାନଙ୍କୁ ଦେଖି ମଧ୍ୟ ପାରନ୍ତି ନାହିଁ; ଅଶେଷ ଧନ୍ୟବାଦ ଆଜିର ଇଲେକ୍ଟ୍ରୋନିକ୍ ଗଣମାଧମ ଓ ସାମାଜିକ ଗଣମାଧମକୁ, ଯାହା ଜରିଆରେ ଲୋକମାନେ ସେମାନଙ୍କର ଦର୍ଶନ ପାଉଛନ୍ତି । ଏଇଭଳି ଏକ ଅବସ୍ଥା ଥିଲା ତେଲେଙ୍ଗାନାରେ ଗତ ଦୁଇ ପାଳିର ସରକାର ସମୟରେ କେ ଚନ୍ଦ୍ରଶେଖର ରାଓଙ୍କ ଅମଳରେ । ଏଇ ରାଜ୍ୟରେ ସହରର ମଧ୍ୟଭାଗରେ ପ୍ରଗତି ଭବନ ନାମରେ ନାମିତ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନର ଚାରିପଟେ ଷ୍ଟିଲ୍‌ର ବ୍ୟାରିକେଡ୍ ଇତ୍ୟାଦି ଏହାକୁ ଏକ ଗଡ଼ରେ ପରିଣତ କରିଥିଲା । ଏହା କେବଳ ସମଗ୍ର ଫୁଟ୍‌ପାଥ୍ ଅଞ୍ଚଳକୁ ମାଡ଼ି ବସି ନଥିଲା, ବରଂ ଏକ ଜନ ଗହଳିପୂର୍ଣ୍ଣ ସଡ଼କର ଏକ ଉଲ୍ଲେଖନୀୟ ଅଂଶକୁ କବ୍ଜା କରିଥିଲା । ପୁଣି ଏହି ବାସଭବନଟି କେବଳ ସାଧାରଣ ଲୋକଙ୍କ ପାଇଁ ନୁହେଁ, ବରଂ ଅଧିକାଂଶ ଲୋକ ଯେଉଁମାନେ କି ସରକାରର ମୁଖ୍ୟଙ୍କ ସହିତ ଭାବ ବିନିମୟ କରିବାକୁ ଚାହୁଁଥିଲେ, ସେମାନଙ୍କ ପାଇଁ ଏକ ଅଭେଦ୍ୟ ଦୁର୍ଗ ପାଲଟି ଯାଇଥିଲା । ଗଣମାଧମ, ନାଗରିକ ସମାଜ, ବିରୋଧୀ ଦଳର ସଦସ୍ୟ ଏବଂ ଏମିତିକି ଶାସକ ଦଳର ଏସ୍‌ଏଲ୍‌ମାନଙ୍କୁ ଏଇ ଭବନ ପାଇଁ ସମ୍ଭାବ୍ୟ ଅନୁପ୍ରବେଶକାରୀ ଭାବରେ ବିବେଚନା କରାଯାଉଥିଲା । ରାଜ୍ୟ ଶାସନରେ ପରିବର୍ତ୍ତନ ଆଣିବା ଥିଲା କଂଗ୍ରେସର ଏକ ନିର୍ବାଚନୀ ନାରା। ସମ୍ପ୍ରତି ତାହା ତେଲେଙ୍ଗାନାବାସୀଙ୍କ ମଧ୍ୟରେ ଗଭୀର ଭାବରେ ଅନୁରଣିତ ହେଉଛି, ଯେଉଁମାନେ ଅତୀତର ଏକ ସ୍ୱେଚ୍ଛାଚାରୀ, ଦୁର୍ନୀତିଗ୍ରସ୍ତ ତଥା ବଂଶବାଦୀ ଶାସନ କବଳରୁ ମୁକ୍ତି ଚାହୁଁଥିଲେ। ରାଜ୍ୟରେ ବର୍ତ୍ତମାନ ପରିବର୍ତ୍ତନ ପହଞ୍ଚି ଯାଇଛି ଏବଂ ପ୍ରାରମ୍ଭିକ ସଙ୍କେତଗୁଡ଼ିକ ଦର୍ଶାଉଛି ଯେ ମୁଖ୍ୟମନ୍ତ୍ରୀ ରେବନ୍ଥ ରେଡ୍ଡୀଙ୍କ ଅଧୀନରେ ରାଜ୍ୟର କଂଗ୍ରେସ ସରକାର ନିଜକୁ ଏକ ଅଭିଜାତ ସରକାର ରୂପରେ ପରିବର୍ତ୍ତିତ କରିବାକୁ ଚାହୁଁଛି, ଯାହା ବାସ୍ତବରେ ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ ଅଭିଜାତ ହେବ । ତେବେ ପରିବର୍ତ୍ତନର ଯେତେବେଳେ ବିଜୟ ହୁଏ, ସେତେବେଳେ ଆଶା ଶିଖର ଦେଶକୁ ଛୁଏଁ ଏବଂ ପ୍ରତ୍ୟାଶାର କଳେବରରେ ବୃଦ୍ଧି ଘଟେ । ଏ ଦୃଷ୍ଟିରୁ ନୂତନ କଂଗ୍ରେସ ସରକାର ସମ୍ମୁଖରେ ଅନେକଗୁଡ଼ିଏ ସମସ୍ୟା ସହିତ ବିପୁଳ ପରିମାଣର ଦାୟିତ୍ୱ ସମ୍ପାଦନ କରିବାକୁ ଅପେକ୍ଷା କରିଛି । ଉପା-୨ ସରକାରର ଏକ ଅଂଶ ଭାବରେ କଂଗ୍ରେସ ଯେତେବେଳେ ଏକ ପୃଥକ୍ ତେଲେଙ୍ଗାନା ରାଜ୍ୟ ଗଠନ କରିବାକୁ ନିଷ୍ପତ୍ତି ନେଲା ଏବଂ ଶେଷରେ ଏହାକୁ ବାସ୍ତବତାରେ ପରିଣତ ମଧ୍ୟ କଲା, ସେ ସମୟରେ ଏହା ଏକ ବଜେଟ୍-ବଳକା ରାଜ୍ୟ ଥିଲା। ଆର୍ଥିକ ଦୃଷ୍ଟିରୁ କଂଗ୍ରେସ ଏକ ଅତି ଧନୀ ରାଜ୍ୟ ବିଆରଏସ୍‌କୁ ସମର୍ପି ଥିଲା ଯାହା ରାଜ୍ୟରେ ପ୍ରଥମ ସରକାର ଗଠନ କରିଥିଲା। ଦୁଇଗୋଟି ପାଳି ଶାସନ କରିବା ପରେ ବିଆରଏସ୍ ବର୍ତ୍ତମାନ କଂଗ୍ରେସକୁ ଏକ ଋଣ ଭାରରେ ଭାରାକ୍ରାନ୍ତ ରାଜ୍ୟ ଫେରାଇ ଦେଇଛି । କଂଗ୍ରେସ ଲୋକମାନଙ୍କୁ ଛଅଗୋଟି ଗ୍ୟାରେଣ୍ଟି ଏବଂ ଆଉ କେତେକ ପ୍ରତିଶ୍ରୁତି ପ୍ରଦାନ କରି ସରକାରକୁ ଆସିଛି, ଯେଉଁଗୁଡ଼ିକ ସବୁ ମିଶିଲେ ରାଜ୍ୟର ରାଜକୋଷ ଉପରେ ଏକ ବିପୁଳ ପରିମାଣର ବୋଝ ଲଦି ଦେବ । ବିଧାନସଭାର ମୋଟ ୧୧୯ଟି ଆସନ ମଧ୍ୟରୁ କଂଗ୍ରେସ ୬୪ଟିରେ ବିଜୟ ଲାଭ କରିଛି (ଏହାର ମିତ୍ର ଦଳ ସିପିଆଇ ଗୋଟିଏ ଆସନରେ ବିଜୟୀ ହୋଇଛି), କିନ୍ତୁ ଏହା ହାଇଦ୍ରାବାଦବାସୀଙ୍କ ଭରସାକୁ ଜିତି ପାରିନାହିଁ, ଯାହା ଉଣା ଅଧିକେ ବିଆରଏସ୍- ଏମ୍‌ଆଇଏମ୍ ଦ୍ୱାରା ଅକ୍ତିଆର କରାଯାଇ ପାରିଛି। ତେଣୁ ଅତ୍ୟନ୍ତ ଜରୁରୀକାଳୀନ ଭିତ୍ତିରେ ରେବନ୍ତ ରେଡ୍ଡୀ ସରକାର ବର୍ତ୍ତମାନ ସହରାଞ୍ଚଳ ବିକାଶ କାର୍ଯ୍ୟସୂଚୀକୁ ଅଧିକ ପ୍ରାଥମିକତା ଦେଇ ଏବଂ ଅର୍ଥନୀତିକ ଅଭିବୃଦ୍ଧିକୁ ଏକ ଉଲ୍ଲେଖନୀୟ କାର୍ଯ୍ୟ ଭାବରେ ସମ୍ପାଦନ କରି ସହରାଞ୍ଚଳର ବାସିନ୍ଦାମାନଙ୍କୁ ନିଜର ସାମର୍ଥ୍ୟ, ଇଚ୍ଛାଶକ୍ତି, ଅନ୍ତରଙ୍ଗତା, ଆବେଗ ଏବଂ ଉଦ୍ଦେଶ୍ୟ ବାବଦରେ ଆଶ୍ୱାସନା ପ୍ରଦାନ କରିବାର ଆବଶ୍ୟକତା ରହିଛି । ସବୁ ପ୍ରକାରର ପ୍ରତିକୂଳ ପରିସ୍ଥିତି ବିରୁଦ୍ଧରେ କଂଗ୍ରେସ ରାଜ୍ୟରେ ବିଜୟ ଲାଭ କରିଛି ଏବଂ ରେବନ୍ଥ ରେଡ୍ଡୀ ଏଠାରେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଏବେ ସେମାନଙ୍କୁ ଜନାଦେଶକୁ ସୁରକ୍ଷିତ ରଖିବାକୁ ପଡ଼ିବ, ରାଜନୀତିକ ସ୍ଥିରତା ବାବଦରେ ସୁନିଶ୍ଚିତ କରାଇବାକୁ ହେବ ଏବଂ ଲୋକମାନଙ୍କୁ ଏକ ସରକାର ପ୍ରଦାନ କରିବାକୁ ହେବ ଯାହା କେବଳ ନିଜର ପ୍ରତିଶ୍ରୁତିକୁ ରକ୍ଷା କରୁନାହିଁ, ସଙ୍ଗେ ସଙ୍ଗେ ରାଜ୍ୟର ଅଭିବୃଦ୍ଧିକୁ ମଧ୍ୟ ସୁନିଶ୍ଚିତ କରୁଛି । ଗୃହ ପ୍ରବେଶରୁ ଯାହା ଜଣାପଡୁଛି, ତା'ରି ଆଧାରରେ କୁହାଯାଇପାରେ ଯେ ସରକାରକୁ ଆସିବାର ଅଳ୍ପ କେତେ ସମୟ ମଧ୍ୟରେ ଯଦି ଏହା ଏକ ସୁସଙ୍କେତ ପ୍ରଦାନ କରିବାରେ ସକ୍ଷମ ହୋଇଛି, ତା'ହେଲେ କଂଗ୍ରେସ ଉପରୋକ୍ତ କାର୍ଯ୍ୟଗୁଡ଼ିକୁ ସୁଚାରୁ ରୂପେ ସମ୍ପାଦନ କରି ପାରିବ ଏବଂ କରିବ ମଧ୍ୟ ।

# ରସାୟନ ବିଜ୍ଞାନ ବନାମ ପାଟୀଗଣିତ


ଡକ୍ଟର ଲକ୍ଷ୍ମଣ ସାହୁ





ନୀଳ ସମୁଦ୍ର ଜଳରାଶିର ଆକର୍ଷଣ ? ଅନ୍ୟ ଅର୍ଥରେ ମାୟା ଜାଲ । ବିଶେଷକରି ମଧ୍ୟପ୍ରଦେଶର ଦୁର୍ନୀତି ଆଦୌ ହଟିବନାହିଁ। ୧୮ ବର୍ଷ ଧରି କ୍ଷମତାରେ ଥିବା ଦଳ, ମୁଖ୍ୟମନ୍ତ୍ରୀ ଭାବରେ ୧୬ ବର୍ଷ ବୟସ, ଯିଏ ଏଥର ମୁଖ୍ୟମନ୍ତ୍ରୀ ଭାବରେ ପଦୋନ୍ନତି ପାଇନାହାଁନ୍ତି । ତାଙ୍କର ଲୋକପ୍ରିୟତା ଏତେ ଅଧିକ କି (?) କେଜାଣି ? ୨୦୦୩ରେ ରାଜ୍ୟରେ ବିଜେପିର ଭୋଟ୍ ଅଂଶ ୪୨.୫ ପ୍ରତିଶତ ଥିଲା । ୨୦୦୮ ରେ ଏହା ସାଢେ ପାଞ୍ଚ ପ୍ରତିଶତ ହ୍ରାସ ପାଇଛି । ୨୦୧୩ ରେ ଏହା ସାଢେ ୪୪ ପ୍ରତିଶତକୁ ବୃଦ୍ଧି ପାଇଛି। ୨୦୧୮ରେ ଏହା ପୁଣି ସାଢେ ତିନି ପ୍ରତିଶତ ପଏଣ୍ଟ ହ୍ରାସ କରି କଂଗ୍ରେସ ସହ ସମାନ ହେବାକୁ ଲାଗିଲା ।


ଏହା ପରେ ସ୍ୱୀକାର ବୋଧହୁଏ କରିବାକୁ ହେବ ଯେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବର୍ତ୍ତମାନର ବିଜେପି ସହିତ ଏକମାତ୍ର ତୁଳନା ହେଉଛି ୧୯୭୦ ର ବ୍ରାଜିଲ ଜାତୀୟ ଫୁଟବଲ ଦଳ ସହିତ ସମାନ । ତୃତୀୟଥର ପାଇଁ ଥରେ ବିଶ୍ୱକପ୍ ଜିତିଥିବା ଦଳ ଉପରେ ନଜର ପକାନ୍ତୁ । କୋହିନୋର ନିଶ୍ଚୟ । ସାଥୀ ଯୋଦ୍ଧା ଜାୟରଜିନୋ, ଟୋଷ୍ଟାଓ, ରିଭେଲିନୋ, ବ୍ରିଟୋ, କାର୍ଲୋସ ଆଲବର୍ଟୋ ମ୍ୟାନେଜର ଥିଲେ ମାରିଓ ଜାଗାଲୋ । ୧୯୫୮ରୁ ୧୯୭୦ ବ୍ରାଜିଲ ଫୁଟବଲର ସୁବର୍ଣ୍ଣ ଯୁଗ ଥିଲା । ୨୦୧୪ରେ ସେହିଭଳି ମୋଦିଙ୍କ ତୁଳନା ସହିତ ବିଜେପିର ସୁବର୍ଣ୍ଣ ଅଧ୍ୟାୟ ଆରମ୍ଭ ହୋଇଥିଲା । ୧୦ ବର୍ଷ ପରେ ବିଜୟରଥ କେତେ ଦୂର ଯିବ ତାହା ପୂର୍ବାନୁମାନ କରିବା କଷ୍ଟକର । କାରଣ ଏସବୁ ସତ୍ତ୍ୱେ ଗୋବାଲାୟାରେ ସେମାନଙ୍କର ସାମ୍ପ୍ରତିକ ସଫଳତା ସୂଚିତ କରେ ଯେ କୌଣସି ପ୍ରତିରୋଧ ଯଥେଷ୍ଟ ହେବ ନାହିଁ ।

'ଏସବୁ ସତ୍ତ୍ୱେ' ଶବ୍ଦ କିଛି ଲେଖିବାକୁ ପଡିବ । କାରଣ ମଧ୍ୟପ୍ରଦେଶରେ ବିଜେପି ଜିତିବ ବୋଲି ଦଳର କେହି ବିଶ୍ୱାସ କରିନଥିଲେ । ବର୍ଷ ବର୍ଷ ଧରି ଏତେ ସଂଖ୍ୟକ ମତଦାନ ହୋଇଛି, କେହି ଏହା ଅନୁମାନ କରି ନଥାନ୍ତେ । ବୁଥଫର୍ ସର୍ଭେ ମଧ ପୂର୍ବାନୁମାନ କରିପାରିନଥିଲା ଯେ ୧୮ ବର୍ଷ ଧରି କ୍ଷମତାରେ ଥିବା ଏକ ଦଳ ଦୁଇ-ତୃତୀୟାଂଶରୁ ଅଧିକ ସଂଖ୍ୟାରେ ଜନସାଧାରଣଙ୍କ ଦ୍ୱାରା ଗ୍ରହଣ କରାଯିବ । ବରଂ ଏହା କଂଗ୍ରେସର ଅଧିକାଂଶ ଲୋକଙ୍କୁ ବିପଦରେ ପକାଇ ଦେଇଛି । ଏହା ସତ୍ୟ ଯେ ମଧ୍ୟପ୍ରଦେଶରେ ଦୁଇ ସଂଗଠନ ବିଜେପିକୁ ୧୫୦ଟି ସିଟ୍ ଦେଇଛନ୍ତି । କିନ୍ତୁ ଦଳ ଅଧିକ ଆସନ ଜିତି ସେମାନଙ୍କୁ ଆଶ୍ଚର୍ଯ୍ୟ କରିଛି ।

କିମ୍ବା ଛତିଶଗଡ ଏହି ରାଜ୍ୟରେ ସେମାନେ ଏହି ରାଜ୍ୟକୁ ଛଡ଼ାଇ ନେବେ ବୋଲି କେହି ଭବିଷ୍ୟବାଣୀ କରି ନାହାଁନ୍ତି। ବ୍ରାଜିଲ ଆମକୁ କଳ୍ପନା ବାହାରେ ଧରିଛି । ତେବେ ଆସନ୍ତୁ ଘରର ଏକ ଉଦାହରଣ, ୧୩ ଜୁଲାଇ ୧୯୯୭ ରେ ଯୁବା ଭାରତୀ ଷ୍ଟାଡିୟମରେ ୩୧୦୦୦ ଦର୍ଶକ ପି. କେ. ବାନାର୍ଜୀଙ୍କ ପୂର୍ବ ବଙ୍ଗଳା 'ହୀରା' ଅମାଲ ଦତ୍ତଙ୍କ ମୋହନ ବାଗାନଙ୍କୁ ୪-୧ରେ ଚକିତ କରିଦେଇଛି ।

ବିଜୟ ହୋଇଛି- ମଧ୍ୟପ୍ରଦେଶ, ଛତିଶଗଡ । ରାଜସ୍ଥାନରେ ମୋଦୀ ବିଜେପିର ଏହି ବିଜୟ ତାଙ୍କ ଜଳଚିତ୍ର ପରି । ସେଦିନ ଯୁବ ଭାରତୀରେ ବାଇଚୁଙ୍ଗ ଭୁଟିଆ ହ୍ୟାଟ୍ରିକ୍ ସ୍କୋର କରିଥିଲେ । ଡିସେମ୍ବର ୩ ରେ ତିନୋଟି ରାଜ୍ୟ ବିଜୟ ସହ ବିଜେପି ଲୋକସଭା ବିଜୟର ହ୍ୟାଟ୍ରିକ୍ ହେବାର ସମ୍ଭାବନା ମଧ ବଢାଇ ଦେଇଛି । ସାଂପ୍ରତିକ ସମୟରେ ଏହା 'ଯାଦୁକର' ମୋଦୀଙ୍କର ସର୍ବଶ୍ରେଷ୍ଠ କୌଶଳ ।

ସତରେ ଏହି ଭ୍ରମ ସୃଷ୍ଟି କରି ପ୍ରଧାନମନ୍ତ୍ରୀ ମୋଦୀ ଦେଶର ଦ୍ୱାଦଶ ରାଜନୈତିକ ବାତାବରଣ ସହ ଖୁବ୍ ଆକର୍ଷଣୀୟ ଖେଳ ଖେଳିଥିଲେ । କିଛି ସମୟ ପାଇଁ ଚିନ୍ତା କର, ଯଦି ଏହି ଭୋଟର ଫଳାଫଳ ୩-୧ ପରିବର୍ତ୍ତେ ୨-୨ ହୋଇଥାନ୍ତା, କିମ୍ବା ଯଦି କଂଗ୍ରେସ ତେଲେଙ୍ଗାନା ସହିତ ମଧ୍ୟପ୍ରଦେଶ ଓ ଛତିଶଗଡକୁ ଜିତାଇ ସ୍କୋର ୩-୧ କରିଥାନ୍ତା, ତା'ହେଲେ ଉତ୍ତେଜନା କିପରି ହେବ ? ଲୋକସଭା ନିର୍ବାଚନ ଆରମ୍ଭ ହୋଇସାରିଛି କି ? ସମଗ୍ର ଦେଶ ଏହି ଦେଶ ଉପରେ କିପରି ଭାବେ ଚଢିଗଲା ? ଯଦି ଯୁଦ୍ଧ ବା ଲଢେଇ ନଥାଏ ତେବେ ଏକ ଖେଳ କେବେ କୌତୁହଳପ୍ରଦ ହୁଏ ନାହିଁ । ଲୋକସଭା ସର୍ଭେରେ କଡା ଟକ୍କର ଦିଆଯାଇଛି, କିନ୍ତୁ ଯଦି ଖେଳଟି ପିଲାଙ୍କ ଖେଳ ପରି ହୋଇଯାଏ । ଯଦି କ'ଣ କିଛି ଘଟେ କି ତାହାର ଧାରଣା ଜନ୍ମ ହୋଇନଥାଏ, ତେବେ ତାହା ମଧ ଏକ ଅର୍ଥରେ ଗଣତାନ୍ତ୍ରିକ ଅଟେ ।

ନୀଳ ସମୁଦ୍ର ଜଳରାଶିର ଆକର୍ଷଣ ? ଅନ୍ୟ ଅର୍ଥରେ ମାୟା ଜାଲ । ବିଶେଷକରି ମଧ୍ୟପ୍ରଦେଶର ଦୁର୍ନୀତି ଆଦୌ ହଟିବନାହିଁ। ୧୮ ବର୍ଷ ଧରି କ୍ଷମତାରେ ଥିବା ଦଳ, ମୁଖ୍ୟମନ୍ତ୍ରୀ ଭାବରେ ୧୬ ବର୍ଷ ବୟସ, ଯିଏ ଏଥର ମୁଖ୍ୟମନ୍ତ୍ରୀ ଭାବରେ ପଦୋନ୍ନତି ପାଇନାହାଁନ୍ତି । ତାଙ୍କର ଲୋକପ୍ରିୟତା ଏତେ ଅଧିକ କି (?) କେଜାଣି ? ୨୦୦୩ରେ ରାଜ୍ୟରେ ବିଜେପିର ଭୋଟ୍ ଅଂଶ ୪୨.୫ ପ୍ରତିଶତ ଥିଲା । ୨୦୦୮ ରେ ଏହା ସାଢେ ପାଞ୍ଚ ପ୍ରତିଶତ ହ୍ରାସ ପାଇଛି । ୨୦୧୩ ରେ ଏହା ସାଢେ ୪୪ ପ୍ରତିଶତକୁ ବୃଦ୍ଧି ପାଇଛି। ୨୦୧୮ରେ ଏହା ପୁଣି ସାଢେ ତିନି ପ୍ରତିଶତ ପଏଣ୍ଟ ହ୍ରାସ କରି କଂଗ୍ରେସ ସହ ସମାନ ହେବାକୁ ଲାଗିଲା ।

ମଧ୍ୟପ୍ରଦେଶରେ ହଠାତ୍ ସାଢେ ସାତ ପ୍ରତିଶତ ବୃଦ୍ଧି ଘଟିଥିବା ଏହି ବଜାରରେ ଦୁଇ ବା ତିନି ପ୍ରତିଶତ ଭୋଟର ଗଣ ଅଛି ଯେଉଁଠାରେ ଏହା ବିଶାଳ ଅଟେ ? କିନ୍ତୁ କଂଗ୍ରେସର ଭୋଟ୍ ଅଂଶ ପ୍ରାୟ ହ୍ରାସ ପାଇଲା ନାହିଁ ! ଆଶ୍ଚର୍ଯ୍ୟର କଥା ଏହା ପୂର୍ବରୁ କେହି ଏହି ଶକ୍ତିଶାଳୀ ସୁନାମି ଅନୁଭବ କରିନଥିଲେ ? ରାଜ୍ୟ ପ୍ରାୟୋଜିତ ସାମ୍ବାଦିକ ବନ୍ଧୁମାନଙ୍କ ମଧ୍ୟରୁ କେହି ଜଣେ ସୁନାମି ଆସୁନାହିଁ ବୋଲି କହିଛନ୍ତି । ନା ପୋଲଷ୍ଟର, ଏପରିକି ବୁଥ ସମୀକ୍ଷକମାନେ ଅଧିକାଂଶ ଦାହ ଫେଲ ! ଯୋଗେନ୍ଦ୍ର ଯାଦବ କହିଛନ୍ତି, 'ଯଦି ଆପଣ ଜାଣନ୍ତି ଜ୍ୱର ୯୯ ଡିଗ୍ରୀ ଅଛି କି ନାହିଁ, ତେବେ ଆପଣଙ୍କୁ ଥର୍ମୋମିଟର ଦରକାର, କପାଳକୁ ଛୁଇଁ ୧୦୪ ଡିଗ୍ରୀ ମିଳିପାରିବ !' ମଧ୍ୟପ୍ରଦେଶରେ ବିଜେପିର ଟୋକେଇରେ ସାଢେ ସାତ ପ୍ରତିଶତ ଭୋଟ୍ ଖସିଯିବାକୁ ଯାଉଛି - କିନ୍ତୁ ଝଡ଼ର ସୂଚନା କେହି ପାଇବେ ନାହିଁ।

ଏପରିକି 'ସୋସିଆଲ ମିଡିଆ' ନୁହେଁ, ଅବିଶ୍ୱସନୀୟ ! ତିନି ଦିନ ଧରି ଗୋବୋଲିଆର ତିନୋଟି ରାଜ୍ୟର ଫଳାଫଳକୁ ନେଇ ଅନେକ ସଂଘର୍ଷ ଚାଲିଛି, ତାହା ସ୍ୱାଭାବିକ । ନରେନ୍ଦ୍ର ମୋଦୀଙ୍କ ମାଷ୍ଟରଷ୍ଟ୍ରୋକ୍ କ'ଣ ତାହା ବର୍ଣ୍ଣନା କରି ଗୋଟିଏ-ଦୁଇ-ତିନି-ଚାରି ମଧ ଚାଲିଛି । କଂଗ୍ରେସ ଗୋଟିଏ ପରେ ଗୋଟିଏ ବାଉନ୍ସର, ବିମର୍ସ, ଗୁଗଲି, ୟର୍କର୍ସ ଦେଇ ଗଲା । ଶେଷ ମୁହୂର୍ତ୍ତରେ ଜାତିସଂଘର ପ୍ରତିଶ୍ରୁତି ଦେଇ ସ୍ୱିଙ୍ଗ୍ ପୁରୁଣା ପେନ୍ସନ୍ ଯୋଜନା, ଗରିବଙ୍କ ପାଇଁ ପକେଟ୍ ନଗଦ, ଶସ୍ତା ରନ୍ଧନ ଗ୍ୟାସ୍, ମହିଳା କଲ୍ୟାଣ, 'ଅନହୋଲି ଆଦାନୀ' କୁ କାଟି ଦେଇଛି । ତେବେ ଅସନ୍ତୁଷ୍ଟ ନରେନ୍ଦ୍ର ମୋଦୀ 'ରିଙ୍କୁ ସିଂ' ଛଅ-ଛଅ ଖେଳି ଶେଷ ହସ କରିଛନ୍ତି । ବ୍ୟାଖ୍ୟା କରାଯାଇଛି, ସେ ହେଉଛନ୍ତି ଗୁଲିଭର, ବାକିମାନେ ଲିଲିପୁଟ ।

ସଫଳତା ଏବଂ ବିଫଳତାର ସକ୍ରାହାନାର ପୁନରାବୃତ୍ତି ଥକ୍କା ଓ ବିରକ୍ତି ସୃଷ୍ଟି କରେ । ଚାଲନ୍ତୁ ସେହି ରାସ୍ତାରେ ଚାଲିବା ନାହିଁ । କିନ୍ତୁ ଦେଖିବା ଛଅ ମାସ ପରେ କ'ଣ ହୁଏ, ଲୋକସଭା ଯୁଦ୍ଧ ଅତିକମରେ ଟିକିଏ ବଡ଼ ହୋଇପାରେ । ସର୍ବପ୍ରଥମେ, 'ଭାରତ' ବାସ୍ତବ ହେବା ଆବଶ୍ୟକ ।

ସେଥିପାଇଁ କଂଗ୍ରେସ ସବୁଠାରୁ ସକ୍ରିୟ ହେବା ଉଚିତ୍ । ଏହି ଭୋଟ୍‌ରେ 'ଭାରତ' ନାମକରଣ କରି ସେମାନେ 'ରାଜନୈତିକ ମନିପୁଲେସନ୍' ପାଇଁ ଯାଇଥିଲେ । ସେ ଭାବିଥିଲେ ଯଦି ସେ ଜିତନ୍ତି ତେବେ ସେ ଉଚ୍ଚରେ ବସି ଲୋକସଭାର ବୁଝମଣା କରିବେ । ତେଣୁ ରାଜସ୍ଥାନରେ ସିପିଏମ୍ ଏବଂ ଭାରତୀୟ ଆଦିବାସୀ ପାର୍ଟି ସହିତ କୌଣସି ସିଟ୍ ଆପୋଷ ବୁଝମଣା ହୋଇନଥିଲା ।

ଫଳସ୍ୱରୂପ, ଅତି କମରେ ୧୫ ଟି ସିଟ୍ ହରାଇବାକୁ ପଡିବ। ଅଖିଳେଶ ମଧ୍ୟପ୍ରଦେଶରେ ଅଭିନୟ କରିନଥିଲେ । ବରଂ ଅସମ୍ମାନ । ତେଲେଙ୍ଗାନାରେ ମଧ ସିପିଏମ୍ ଏଥିପ୍ରତି ଦୃଷ୍ଟି ଦେଇନଥିଲା । ଯଦି ଏପରି ଏକ ଖେଳ ଖେଳ ନହୁଏ ତେବେ କଂଗ୍ରେସ ଆଣ୍ଠୁରେ ରହିବା ଉଚିତ୍। ତାହା ଘଟିବା ପାଇଁ ସେମାନେ ଏହି ଡାକ୍ରାନି ଆବଶ୍ୟକ କରୁଥିଲେ । ଏହି ବିପର୍ଯ୍ୟୟ 'ଭାରତ' ସହଭାଗୀମାନଙ୍କ ପାଇଁ ସମ୍ଭାବନା ଦ୍ୱାର ଖୋଲିଛି । ସମସ୍ତେ ଏହାକୁ ଆଗକୁ ନେବା ଆବଶ୍ୟକ ।

ରାଜନୀତି ହେଉଛି ଏକ ଦଳ ଖେଳ। ହରାକିରୀର ଶାମିଲ, ଅଶୋକ ଗେହଲୋଟ୍, କମଲ ନାଥ, ଡିଜିଭାଇ ସିଂ, ଭୂପେଶ ବାଗେଲ ବୁଝିବା ଆବଶ୍ୟକ ଯେ ଯେଉଁଠାରେ ନରେନ୍ଦ୍ର ମୋଦୀ ବିରୋଧୀ ଦଳର ସେନାପତି, ସେ କେବଳ ଜଣେ 'ବଂଶ ନେତା' । ଯଦି ବୁଝିନାହଁ, ବୁଝିବାକୁ ପଡିବ । ଯଦି କୌଣସି ନିର୍ଦ୍ଦେଶ ନାହିଁ, ତେବେ ହାଇ କମାଣ୍ଡ୍ କ'ଣ ?

ଯଦି 'ଭାରତ' ଦଳ ଖେଳନ୍ତି, ତେବେ ଜିତିବାର ଆଶା ରହିବ । ତିନୋଟି ରାଜ୍ୟର କୌଣସି ସ୍ଥାନରେ କଂଗ୍ରେସର ଭୋଟ୍ ଅଂଶ ଅଧିକ କ୍ଷତିଗ୍ରସ୍ତ ହୋଇନାହିଁ । ଅଧିକନ୍ତୁ, ଗଣନା ମଧ ବହୁତ ସରଳ । ଉତ୍ତରପ୍ରଦେଶ, ହରିୟାଣା, ଓଡ଼ିଶା, ଦିଲ୍ଲୀ, ମଧ୍ୟପ୍ରଦେଶ, ଛତିଶଗଡ, ରାଜସ୍ଥାନ ଏବଂ ଗୁଜରାଟ ସହିତ ବିଜେପି ଏବଂ ଏହାର ସହଯୋଗୀମାନେ ଉତ୍ତର-ପୂର୍ବରେ ୨୩୯ ଟି ଆସନ ପାଇଛନ୍ତି । ଏହି ଚାରୋଟି ରାଜ୍ୟରେ ମୋଟ ୮୨ ଟି ଲୋକସଭା ଆସନ ମଧ୍ୟରୁ ବିଜେପିରେ ୭୬ ଟି ଅଛି ଯେଉଁଠାରେ ମତଦାନ କରାଯାଇଥିଲା ।

ଏହାଠାରୁ ଅଧିକ ପାଇବା ସେମାନଙ୍କ ପାଇଁ କଷ୍ଟସାଧ ନୁହେଁ । ଅନ୍ୟପକ୍ଷରେ ଦକ୍ଷିଣରେ ସମୁଦାୟ ଆସନ ସଂଖ୍ୟା ୧୩୦। 'ଭାରତ'ର ଭାରସାମ୍ୟ ସେଠାରେ ବିଜେପିର ଆର୍ଯ୍ୟବର୍ତ୍ତ ପରି ରହିଛି । ଯଦି ସଠିକ୍ ଭାବେ କରାଯାଏ, ତେବେ ଭାରତ' ପଞ୍ଜାବ ହିମାଚଳ ପ୍ରଦେଶ, ଜାମ୍ମୁ-କାଶ୍ମୀର ଓ ମହାରାଷ୍ଟ୍ରର ମୋଟ ୭୦ଟି ଆସନରେ ବିଜେପିକୁ ରୋକିପାରେ । ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ୯୮ ଟି ସିଟ୍ ବାକି ଅଛି। ଆଜି ଏହି ରାଜ୍ୟଗୁଡ଼ିକ ହେଉଛି ପ୍ରମୁଖ ଆକର୍ଷଣ । ଗତଥର ବିହାରରେ ନୀତୀଶ ଏବଂ ବିଜେପି ମିଳିତ ହୋଇ ୩୯ ଟି ସିଟ୍ ଜିତିଥିଲେ । ପଶ୍ଚିମବଙ୍ଗରେ ୧୮ଟି ମମତାଙ୍କୁ ଚକିତ କରି ଦେଇଥିଲେ। ଏଥର ଯଦି 'ଭାରତ' ଡାଏସ୍ ବୁଲାଇବା ସ୍ଥିତିରେ ପହଞ୍ଚେ, ତେବେ ଯୁଦ୍ଧ କୌଣସି ପ୍ରକାରେ ଶେଷ ହେବ ନାହିଁ।

ନିଷ୍କର୍ଷରେ କହିହେବ ଏ ରାଜନୀତିର ଗାଣିତିକ ସୂତ୍ର, ରସାୟନ ବିଜ୍ଞାନ ପାଇଁ ସବୁଦିନ ପାଇଁ ହଜିଯାଇଛି । ସତରେ ନରେନ୍ଦ୍ର ମୋଦୀଙ୍କ ରସାୟନ ବିଜ୍ଞାନ 'ଆଶ୍ଚର୍ଯ୍ୟଜନକ' ଅଟେ । ସେହି କୌଶଳକୁ ଏପର୍ଯ୍ୟନ୍ତ କେହି 'ଡିକୋଡ୍' କରିବାରେ ସକ୍ଷମ ହୋଇ ନାହାଁନ୍ତି । ସେଥିପାଇଁ ସେ ଆଗରୁ ହ୍ୟାଟ୍ରିକ୍ ଘୋଷଣା କରିବା ପରେ ହସୁଛନ୍ତି...!!! 'ଭାରତ' କ'ଣ କରିବ ?


ତାରା ନିଳୟ, ପ୍ଲଟ - ୮୫୪/ଏ
ଚାଚରା ଶବରସାହି, ମୁକୁନ୍ଦପ୍ରସାଦ
ଖୋର୍ଦ୍ଧା - ୫୫,
ମୋ:୯୦୪୦ ୧୫୧୪୭୫


# ରାଜ୍ୟରେ ଟଙ୍କା ଗଢ଼ିବାର ମେସିନର ଅଭାବ: ଆମେ ରାଜି ଅଛ ଟଙ୍କା ଗଢ଼ିବା ପାଇଁ


ସୁବ୍ରତ କର




ମନେ ହେଉନାହିଁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଠିକ ଭାବରେ କାମ କରୁଛି । ମୂଳ ବିଭାଗ ହେଲା ମଦ ବିଭାଗ, ପୁଲିସ ବିଭାଗ ଏବଂ ଏହାଛଡ଼ା ଯେଉଁ ଯେଉଁ ଜାଗାରେ ମଦ ଗୋଦାମରୁ କୋଟି କୋଟି ଟଙ୍କା ବାହାରୁଛି ସେଠିକାର ରାଜନୈତିକ ନେତାମାନେ । ଏହା ବିଶେଷ କରି ଦକ୍ଷିଣ ଓଡ଼ିଶା ଜିଲ୍ଲାମାନଙ୍କରେ (ବଲାଙ୍ଗିର, ଖୋର୍ଦ୍ଧା, ସମ୍ବଲପୁର, ସୁନ୍ଦରଗଡ଼ ଏବଂ ବୌଦ୍ଧ) ଏବଂ ରାଜ୍ୟ ବାହାରେ ରାଞ୍ଚି, କଲିକତାରେ ମଧ ଆୟକର ବିଭାଗର ଚଢ଼ଉ ଜାରି ରହିଛି । ଏପର୍ଯ୍ୟନ୍ତ ଟଙ୍କାଗଣତି ଶେଷ ହୋଇନାହିଁ ଏବଂ ଏହା ହୁଏତ ଆହୁରି ୨ରୁ ୩ଦିନ ଲାଗିବ । ହିସାବ ଏପର୍ଯ୍ୟନ୍ତ ଅନ୍ତିମ ପର୍ଯ୍ୟାୟକୁ ଆସି ପାରିନାହିଁ । ତେବେ ଏଇଟା ନିଶ୍ଚିତ ଓଡ଼ିଶା ଇତିହାସରେ ସବୁଠୁ ବଡ଼ ଆୟକର ଚଢ଼ଉ । ଅନେକଙ୍କ ମତରେ ଏହି ଟଙ୍କାର ପରିମାଣ ୪୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବାର ସମ୍ଭାବନା ଅଛି ଏବଂ ଏହାପରେ ସୁନା ଏବଂ ଅନ୍ୟାନ୍ୟ ବେନାମି ସମ୍ପତ୍ତିର ହିସାବ ଆସିବ । ଆଲମିରା ଭର୍ତ୍ତୀ ଟଙ୍କା ଏବଂ ଏହି ଟଙ୍କାକୁ ଗଣିବା ପାଇଁ ବ୍ୟାଙ୍କକୁ ଟ୍ରକରେ ବୋହା ଚାଲିଛି। ଏହାପରେ ଆମେ ବା ଆମ ସରକାର ଗରିବ ଲୋକଙ୍କୁ ବିଭିନ୍ନ ଯୋଜନା ମାଧମରେ ଟଙ୍କା, ଘର ବା ଚାଉଳ (ଟଙ୍କିଆ) ଦେବା ଉଚିତ କି ? ଏହି ଟଙ୍କା ବିଷୟରେ ସରକାର ହେଉ ବା ସରକାରୀ ପଦସ୍ଥ ଅଫିସର କେହି କିଛି ଜାଣି ନଥିଲେ ନା ନିଜ ନିଜର ଭାଗ ପାଇଗଲା ପରେ ଚୁପଚାପ୍ ବସି ରହିଥିଲେ । ଆଖି ବୁଜି ଦେଇ ମଜା ଦେଖୁଥିଲେ । ଏହି ଟଙ୍କା କାରବାରରେ ନିଶ୍ଚିତ ଭାବରେ ଏହି ଜିଲ୍ଲା ମାନଙ୍କରେ ଥିବା ପୁଲିସ ବିଭାଗ, ଅବକାରୀ, ବିଭାଗ ଏବଂ ରାଜନୈତିକ ନେତାମାନେ (ସେ ଯେଉଁ ଦଳର ହୁଅନ୍ତୁ ନା କାହିଁକି) କେହି କିଛି ଟେର ପାଇ ନାହାନ୍ତି । ଏଇଟା ବି ନିଶ୍ଚିତ ଏହାପରେ ମଧ କାହାରି କିଛି ହେବ ନାହିଁ । କିଛିଦିନ ପାଇଁ ପାଟିତୁଣ୍ଡ ହେବ, ଖବର କାଗଜ, ଟେଲିଭିଜନ୍‌ର ପ୍ରଥମ ପୃଷ୍ଠା ମଣ୍ଡନ କରିବ ଏହାପରେ ସବୁ ଥଣ୍ଡା ପଡ଼ି ଯିବ କାରଣ ରକ୍ଷକମାନେ ତ ଭକ୍ଷକ । ଏହି ଟଙ୍କା ସହିତ ନିଶ୍ଚିତ ବଡ଼ ବଡ଼ ଲୋକଙ୍କ ସମ୍ପୃକ୍ତି ରହିଛି ଏବଂ ଏ ସବୁ ତାଙ୍କର ଜାଣତରେ ହେଉଛି । ସେହିମାନେ ଆଉ କିଛି ଟଙ୍କା ଖର୍ଚ୍ଚକରି ସମସ୍ତଙ୍କ ପାଟି ବନ୍ଦ କରିଦେବେ ସେ ଖବରକାଗଜ ହେଉ ବା ଟେଲିଭିଜନ । ଏହା ହେଉଛି ଆମ ରାଜ୍ୟର ନୀତି ନିୟମ କାରଣ ଯେତେ ଏଭଳି ଘଟଣା ଘଟିଛି କେହି ଦଣ୍ଡ ପାଇ ନାହାନ୍ତି ବା ଭବିଷ୍ୟତରେ ପାଇବେ ନାହିଁ କାରଣ ଏସବୁ ଟଙ୍କାର ସିଂହ ଭାଗ ଦଳର ପାଣ୍ଠିକୁ ଯିବ ଏବଂ ଯାଏ ମଧ । ଏଥର ମଧ ସେଥିରେ ହେବ ଏବଂ ଆମ୍ଭମାନଙ୍କ ଭଳି ଜାଗ୍ରତ ଜନତା ମୋ ଭଳି କିଛି କହିବେ ବା ଦେଖିବେ ଏବଂ ହେବାର ସବୁ ଚୁପ୍‌ଚାପ୍ ଏବଂ ପରବର୍ତ୍ତୀ ସମୟରେ ଏଭଳି ଆଉ ଗୋଟାଏ ଘଟଣା ଘଟାଇବା ପାଇଁ ପ୍ରସ୍ତୁତ ହେବେ ।




## ସ୍ମୃତି...


ରାମଚନ୍ଦ୍ର ବେହେରା




ଯେତେ ଚେଷ୍ଟା କଲେ ଭୁଲି ହୁଏ ନାହିଁ
ସ୍ମୃତିରେ ସାଇତା ଅତୀତ ଛବି
ବିନା ଆମନ୍ତ୍ରଣେ ଆସିଯାଏ ସିଏ
ଭରିଦିଏ ପ୍ରାଣେ ଭାବ ସୁରଭି।

ସ୍ମୃତି ନୁହେଁ କେବେ ଜଳଧିର ଢେଉ
ଧୋଇଦିଏ ସିଏ ବାଲିର ଘର
ସାଜେ ନାହିଁ ସିଏ ତପ୍ତ ନିଦାଘର
ନୀରିହ ପ୍ରାଣୀର ଆର୍ତ୍ତ ଚିତ୍କାର।

ଜୀବନ ଯାତ୍ରାରେ ଧୋକା ଯଦି
କେବେ
ବିଷ ଭରିଦିଏ କୋମଳ ମନେ
ଲିଭେନି ସେ ଦାଗ ମନ ଗହନରୁ
ଛୁପି ରହିଯାଏ ହୃଦୟ କୋଣେ।

ଭାଂଗି ଯାଇଥିବା ନିଷ୍ପାପ ପ୍ରାଣରେ
କେହି ଯଦି ଭରେ ସହାନୁଭୂତି
ସେ ପରଶ ସଦା ମନେ ଉଂକିମାରେ
ଜଗାଏ ହୃଦୟେ ପ୍ରେମ ପୀରତି।

ଗ୍ରୀଷ୍ମ ଦୂରହୁଏ ବରଷା ପରଶେ
କ୍ରମରେ ଆସନ୍ତି ଶୀତ ବସନ୍ତ
ସ୍ମୃତି ରହିଯାଏ ମାନସ ପଟରେ
ଭୁଲି ହୁଏନାହିଁ ରୁହେ ଜୀବନ୍ତ।


ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


## ଅକବିତା


ଧ୍ରୁବ ଚରଣ ଘିବେଲା


ଧାଡ଼ି ଧରିଲେ ବାକ୍ୟ ଗଢ଼ିଲେ
ହୁଏ ଗଦ୍ୟ
ଅଥଚ ବାକ୍ୟ ଭାଙ୍ଗିଦେଲେ
ହୁଏ ପଦ୍ୟ
ବାକ୍ୟମୟ ଧାଡ଼ିର ଗହଳିରେ
ଗଢ଼ାଯାଏ ଗଦ୍ୟର ସାମ୍ରାଜ୍ୟ
ଗଦ୍ୟ ଛନ୍ଦମୁକ୍ତ ଥିଲେ
ପଦ୍ୟ ଛନ୍ଦଯୁକ୍ତ ଥିଲେ ଭଲ
ଗଦ୍ୟ ବି ଲେଖାଯାଇପାରେ ଛନ୍ଦରେ
ପଦ୍ୟ ସେମିତି ଲେଖାଯାଇପାରେ
ବିନା ଛନ୍ଦରେ
ପଦ ଅକ୍ଷର ମିଶିଲେ ପଦ୍ୟ
ସୁର ତାଳ ଲୟ ଥିଲେ ପଦ୍ୟ
ସେସବୁ ନ ଥିଲେ ଗଦ୍ୟ
ନଈର ସୁଅ ଭଳି ରହେ
ପଦ୍ୟର ଗତି ରୀତି
ହେଲେ ସୁଅ କି ଗତି ନ ଥାଏ ଗଦ୍ୟର
ତଥାପି ଉଭୟଙ୍କ ସ୍ୱାଦ ଅଲଗା
ଗନ୍ଧ ବାସ ବି ଅଲଗା
ଗଦ୍ୟ ପଦ୍ୟର ପାଠକ ବି ରହିପାରନ୍ତି
ଅଲଗା
କିଏ କିଏ ଉଭୟର ପ୍ରେମରେ
ପଡ଼ିଥାନ୍ତି ପ୍ରବଳ
ଗଦ୍ୟ ଓ ପଦ୍ୟ ଭିତରେ ଫରକ ଏତିକି
ଗଦ୍ୟରେ ରହେ ବିସ୍ତୃତ ବର୍ଣ୍ଣନା
ପଦ୍ୟରେ କମରେ କହିହୁଏ
ଅନେକ କଥା ।


ବଉଦରାଜ, ଜି. ବୌଦ୍ଧ
ମୋ: ୯୪୩୭୪୭୮୪୬୬




## ହେ ସ୍ୱପ୍ନା !


ସୁରେନ୍ଦ୍ର ନାଥ ସାହୁ


ହେ ସ୍ୱପ୍ନା !
ତୁମେ ମୋ ହୃଦୟର
ରୂପ ନେଇଥିବା ଆର୍ତ୍ତତ୍ରାଣକ ସ୍ୱନ।
ଫଳପ୍ରଦାୟୀ ଭରସାର
ମଧୁମୟ ଅଙ୍ଗିକାରକ ଆବାହନ।
ମୋ ଅତର୍କିତ ଆକାଂକ୍ଷାର
ଯଥାର୍ଥ ନିର୍ମଳ ଦୃଷ୍ଟି
ସାଧାରଣତଃ
ଛୋଟ ବୋଧ ହେଉଥିବା
ଏକ ଏକାଗ୍ର ବିଶ୍ୱାସଟିଏ
ହେଲେ ବି ତୁମେ
ଅଟ ଭାରି ବଳିଆନ।

କହିଲେ ଚଳିବ ତୁମକୁ
ତୁମେ ମୋ
ଛୋଟିଆ ସଂସାର ପାଇଁ
କଲ୍ୟାଣକରୀ ଏକ କଳ୍ପବୃକ୍ଷ
ଈଶ୍ୱରଙ୍କ ବରଦାନ।

ମୋ'ମନ ମହାକାଶେ
ଅହରହ ଉଡି ବୁଲୁଥିବା
ମନ ମୋହକ
ଦରଦୀ ମାନ୍ୱୀ ପ୍ରଜାପତିର
ତୁମେ ଗୋ ଛଳ ରହିତ
ସୁଢଳ ସୁନ୍ଦର ସମ୍ମୋହନ।

ନିଷ୍ପାପ ରଙ୍ଗର ଇଙ୍ଗିତ
ଏକାତ୍ମତାର ମହୁଆ ଆଲିଙ୍ଗନ
ଶୁଦ୍ଧ ଶ୍ରଦ୍ଧାର
ଆତ୍ମହରା ସରୁ ଚୁମ୍ବନ।

କୋମଳତାର ଜାଦୁ
ମଧୁର ଜୀବଦା କୋଳାହଳର
ଅନବରତ ସ୍ପନ୍ଦନ।

ଅତିଶୟ ପ୍ରୟାସରତ
ରଙ୍ଗିନ୍ ଚରିତ୍ରର ଆଦର୍ଶ
ସମୃଦ୍ଧି ସୂଚକ ସବୁଜ ପତ୍ର
ଗୁଚ୍ଛ ଗୁଚ୍ଛ ଫୁଲ ଫଳର
ତ୍ୟାଗ ତପ ତିତିକ୍ଷା ସିକ୍ତ
କଥା କୁହା ଏକ ଦେହଧି ଉଦ୍ୟାନ।

ମୋ ଘର ଅଭାବୀ ଅଗଣାର
ସଙ୍ଘର୍ଷରେ ଚହଲି ଦୋହଲି ବି
ମହମହ ବାସୁଥିବା
ଚଳନ୍ତି ଛବିଳ ମଧୁବନ।
ପ୍ରେମ ପୂର୍ଣ୍ଣ ପରାକାଷ୍ଠାର
କର୍ତ୍ତବ୍ୟ ପରାୟଣ।

ନିଃସ୍ୱାର୍ଥପର ସମ୍ବେଦନାର
ସହନଶୀଳ ପିଠି
ସାଥିହୋଇ ଚାଲୁଥିବା
ପ୍ରାମାଣିକ ଅକାଟ୍ୟ ଜୀବନ୍ତ ଚିଠି।


ସ୍ୱପ୍ନା ଗୋ ! ତୁମେ ମୋର
ସେବା ସହାର୍ଦ୍ଦତାରେ
ସଦା ସହଯୋଗୀ ରହୁଥିବା
ହଳେ ସୁଢଳ ନୟନ।
ଅତିଶୟୋକ୍ତି ନୁହେଁ ପ୍ରୀୟା !

ତୁମେ ଦୂରେ ଥିଲେ
ବିରହେ ଦଗ୍ଧିଭୂତ ହେଉଥାଏ
ତନ ମନ ମସ୍ତିଷ୍କ
ନିରସ ନିରସ ଲାଗେ ଜୀବନ।


କଳମ୍ବ (ଡିହସାହି)
ପୋଲସରା, ଗଞ୍ଜାମ
୭୬୧୧୦୫
ମୋ :୮୧୨୮୯୧୯୨୫୬

# ସବୁଜ ରଙ୍ଗର ଶିହରଣ

ଡ. ସ୍ମୃତି ପଟ୍ଟନାୟକ





ନିବିଡ ଆରଣ୍ୟକ ସୁଷମା,ଆଗତ ବର୍ଷାର ରିମଝିମ୍ ସ୍ୱର, ବାଦଲ ଭର୍ତ୍ତି ଆକାଶ, ଆଖିରେ ଗାଢ କଜଳର ଦୁଇ ଧାର ଗାର, ମାୟାମୋହିତ, ମଧୁମାଳତୀ କୁଂଜ, ଗହଳ ଲଟା ଭିତରେ, ଚାନ୍ଦିନି ଚଉତରା, ସ୍ୱପ୍ନମନସ୍କତାରେ ପରିପୂର୍ଣ୍ଣ ସେ, ବସିଥିଲା, ଦେଖୁଥିଲା ପୃଥିବୀର ସୌନ୍ଦର୍ଯ୍ୟକୁ । ଆଃ ସତରେ କେତେ ସୁନ୍ଦର ଓ ଆକର୍ଷଣୀୟ ଏଇ ପୃଥିବୀ, ଆଗକୁ ଯିବାର ଅଛି, ପଥ ଅସରନ୍ତି, ଯଦି ଚିନ୍ମୟ ତା ହାତ ଅଧା ବାଟରେ ଛାଡିଦେଲେ, ସେଥିରେ ତାର କୌଣସି ପରବାୟ କରିବାର ନାହିଁ ଜୀବନ ତ ଲିଟମସ୍ ପେପର୍ ପରି ।

କେତେବେଳେ ନାଲି ତ କେତେବେଳେ ନୀଳ ଏସିଡ୍ ଓ ବେସ୍‌ର ପ୍ରଭାବରେ।

ସେଥିରେ କଣ ଅଛି ? ସେଇଟା ତାଙ୍କର ଏକାନ୍ତ ବ୍ୟକ୍ତିଗତ, କାହିଁକି ସେ ଚିନ୍ମୟଙ୍କୁ ହରାଇଲା ବୋଲି, ସମସ୍ତ ପ୍ରିୟଜନମାନଙ୍କୁ ହରାଇ ବସିବ ? ଜୀବନଟା ଖୁବ୍ ସୁନ୍ଦର, ଆତ୍ମହତ୍ୟା ଶେଷ ପରିଣତି ନୁହେଁ କେବେ ବି ?

ରୁଦ୍ରାଣୀ ଉଠି ଛିଡା ହେଲା ବସିବା ଜାଗାରୁ,ଟିପ୍ ଟିପ୍ ବର୍ଷା ଜଳ ପଡୁଥିଲା ମୁହଁରେ, ଅସୀମ ଶୀତଳତା, ମନ ଏବଂ ହୃଦୟ ସ୍ଥିର, ଯିବାକୁ ତ ହେବ ଜୀବନ ପଥରେ ନିର୍ବିକାର ଭାବେ, ବାସ୍ ଏତିକ ତ ପୁଲକତା ! ! ଖାଲି ଲୋଡା ଖୁସି ଖୁସି ଓ ଭଲପାଇବାର ଜୀବନଟିଏ ତାର ଏବେ ।

ସବୁଜ ରଙ୍ଗର ବନାରସୀ ଶାଢି ହାତରେ, ହଁ ଉପହାର, ସଂର୍ପକର, ପ୍ରେମର ଉପହାର, ଚିନ୍ମୟ ଦେଇଥିଲେ ତାର ଜନ୍ମଦିନରେ ଏବେ କଣ ହେବ ତାର ? ଶାଢିଟିକୁ ଜରି ଖୋଳ ଭିତରେ ପୁରେଇ ଦେଲା, ଟ୍ରଙ୍କର ସବା ତଳେ ରଖିଦେଲା, ଯାହା ହେଉ ମୁକ୍ତି ମିଳିଗଲା ମିଛ ସଂର୍ପକରୁ, କିନ୍ତୁ କାଇଁ ଯେ ମୁକ୍ତି ? ରକ୍ତ ମାଂସର ଦେହ, ସେ ଯେତେ ଚାହିଁଲେ ବି କଣ ନିଜକୁ ମୁକ୍ତି ଦେଇପାରିବ ? ଏବେ ତା ଭିତରେ କାହାର ସତ୍ତା ? ତାକୁ କଣ ସେ ଅସ୍ୱୀକାର କରିପାରିବ ? ନାଁ କେବେ ନୁହଁ ? ହେ ଈଶ୍ୱର ମୋତେ ଶକ୍ତି ଦିଅ, ଏତିକି ଅଳି ମୋର । ମୋ ସନ୍ତାନକୁ ପୃଥିବୀର ଆଲୋକ ଦେଖାଅ ପ୍ରଭୁ, ମୋ ଭୁଲ୍ ପାଇଁ କାହିଁକି ସେ ଦଣ୍ଡ ପାଇବ ?

ଶାନ୍ତ ସ୍ନିଗ୍ଧ ସକାଳ, କଟର ସୁରକ୍ଷା ନର୍ସିଂ ରୁମ୍‌ର ତେଇଶି ନଂ ରୁମ୍‌ରେ ଡାକ୍ତର ମହାପାତ୍ର ଓ ତାଙ୍କର ଧର୍ମପତ୍ନୀ ଖୁସିରେ ବିଭୋରିତ, ସତେ ଯେମିତି ତାଙ୍କ ହାତ ମୁଠାରେ ସବୁ ଖୁସି ଅଜାଡି ହୋଇ ପଡିଛି । କେସ୍‌ଟି ଖୁବ୍ ଜଟିଳ ଥିଲା କିନ୍ତୁ ଈଶ୍ୱରଙ୍କର ଆଶୀର୍ବାଦରୁ ସବୁ ପ୍ରକ୍ରିୟା ଭଲରେ ଭଲରେ ସରିଯାଇଛି, ମାଆ ଓ ଶିଶୁ ପୁତ୍ର ଦୁହେଁ ସୁସ୍ଥ ଅଛନ୍ତି । ଶିଶୁ ପୁତ୍ରର ନାମକରଣ କରିଦେଲେ ଡାକ୍ତର ମହାପାତ୍ର "ତନ୍ମୟ," ରୁଦ୍ରାଣୀ ଚମକି ପଡିଲା ନିଜ ଭିତରେ । ତାକୁ ଏବେ ଖୁବ୍ ଶକ୍ତ ହେବାକୁ ପଡିବ ନିଜ ପୁତ୍ର ର ଭବିଷ୍ୟତ ପାଇଁ ।

ହଠାତ୍ ନର୍ସ ଡାକରେ ପ୍ରକୃତିସ୍ଥ ହେଲା ସେ । ଆପଣଙ୍କ ନାଁ ରୁଦ୍ରାଣୀ ଦେବୀ ।

ହଁ କଣ ହେଲା କି ?

ନାଇଁ ରୁମ୍ ନଂ ଚବିଶରେ ଯିଏ ଅଛନ୍ତି ସେ ଆପଣଙ୍କ କଥା କହୁଥିଲେ, ଆପଣ ବିବାହିତା ନୁହନ୍ତି ।

ଏଁ ଚାଉଁକିନା ଲାଗିଗଲା ଦେହରେ ଯେମିତି !

ସେ ଆପଣଙ୍କୁ ଜାଣିଛନ୍ତି । ରୁଦ୍ରାଣୀ କିଛି ନକହି ଚୁପ୍ ରହିଲା, ନର୍ସ ଦିଦି ଇଞ୍ଜେକସନ୍ ଦେଇ ଚାଲିଗଲା ପରେ ରୁଦ୍ରାଣୀ ଅନ୍ୟମନସ୍କ ହୋଇ ପଡୁଥିଲା । ତନ୍ମୟ... ଆଃ କି ଅପୂର୍ବ ନାଁ ଟିଏ, ଡାକ୍ତର ସାର୍ କଣ ଜାଣିଥିଲେ ଚିନ୍ମୟଙ୍କ ବିଷୟରେ କେମିତି ତାଙ୍କ ନା ସହ ପକେଇକି ଦେଇଦେଲେ ତନ୍ମୟ ? ନର୍ସ ଦିଦି ବି କହିଲେ ପାଖ ରୁମ୍‌ରେ ଥିବା ଭଦ୍ର ମହିଳା ମୋତେ ଜାଣନ୍ତି ବୋଲି ! ହେ ଭଗବାନ୍ ଏମିତି ସବୁ କାଇଁ ହେଉଛି ମୋ ସହ ?

ରୁଦ୍ରାଣୀ ମଧ ରାତ୍ରିରେ ନର୍ସିଂରୁମ୍ ଛାଡି ପଳାଇ ଆସିଲା ପୁତ୍ର ସନ୍ତାନକୁ ଧରି ଏକା ଏକା, ତାପରର ଘଟଣା ସବୁ ଆପେ ଆପେ ଘଟିଗଲା ଯେମିତି କାହାର ନିର୍ଦ୍ଦେଶରେ, ବଦଳିଗଲା ପରିଚୟ ତାର । ରୁଦ୍ରାଣୀରୁ ସାବିତ୍ରୀ ଏକ ଲମ୍ବା ଜୀବନ ଆରମ୍ଭ ହୋଇଗଲା, ବହୁ ଘାତ ପ୍ରତିଘାତ ସହି ନିଜର ଜନ୍ମିତ ସନ୍ତାନକୁ ଦୁନିଆରେ ଭଲ ମଣିଷଟିଏ କରିବାର ଦୃଢପ୍ରତିଜ୍ଞା ଓ ଅଙ୍ଗୀକାରତା....ଞ

....ସୁଦୀର୍ଘ ୫୦ ବର୍ଷ ପରେ

ରାତି ବାରଟା, ହଠାତ୍ ଲ୍ୟାଣ୍ଡ ଫୋନ୍ ରିଂ ହେବାର ଶବ୍ଦରେ ଶତପଥି ଭାଇନା ଓ ପିଙ୍କି ଭାଉଜ ଉଠି ଯାଇଥିଲେ, ଶତପଥୀ ଭାଇନା ଲ୍ୟାଣ୍ଡ ଫୋନ୍ ଉଠାଇଲେ, ସେପଟରୁ ଲୋମାର ଭୟ ମିଶା ସ୍ୱର ବାବା ୟୁକ୍ରେନ୍ ଓ ରୁଷ ଭିତରେ ଯୁଦ୍ଧ ଆରମ୍ଭ ହୋଇଯାଇଛି । ହଷ୍ଟେଲ ଛାଡିବା ପାଇଁ ଘୋଷଣା କରିଦେଲେଣି, ଆମେ ସମସ୍ତେ ଏବେ ହଷ୍ଟେଲ ଛାଡିଦେବୁ ବଙ୍କର ଭିତରେ ଆଶ୍ରୟ ନେବୁ, ପାପା ମୋତେ ଭାରି ଭୟ ଲାଗୁଚି, ତମେମାନେ ସମସ୍ତେ ଇଣ୍ଡିଆରେ, ମୁଁ ଏଠି ଏକା... ଲୋମାର କଣ୍ଠସ୍ୱର ଖୁବ୍ ଓଦାଳିଆ ଶୁଭୁଥିଲା, ଶେଷ ବେଳକୁ ଭାଇନାଙ୍କୁ ତା କଥା ଆଉ କିଛି ଶୁଭୁ ନ ଥିଲା, ଫୋନ୍ ବି କଟିଗଲା ସେପଟରୁ । ସତରେ ଜୀବନଟା କେତେ ଅସହାୟ ସତେ ସବୁ ମୁହୂର୍ତ୍ତରେ କିଛି ନା କିଛି ସମସ୍ୟା କି ଦ୍ୱନ୍ଦର ସମ୍ମୁଖୀନ ହେବାକୁ ପଡେ । ଭାଇନା ଅନ୍ୟମନସ୍କ ହେଇପଡୁଥିଲେ, ବେଳେବେଳେ ବହୁତ ଖୁସିର ସମୟ ବି ଥାଏ, ଶତପଥୀ ଭାଇନାଙ୍କ ଜୀବନ ପିଲାବେଳରୁ ଖୁବ୍ ସଂର୍ଘଷପୂର୍ଣ୍ଣ ଥିଲା, ସାବିତ୍ରୀ ମାଉସୀଙ୍କ ହାତ ଧରି ସେ ଜୀବନ ରାସ୍ତା ରେ ବାଟ ଚାଲିବା ଶିଖିଥିଲେ, ଦୁନିଆର ଭଲ ମନ୍ଦ କଣ ସବୁ ତାଙ୍କ ଠାରୁ ଶିଖିଥିଲେ, ଦିନକର କଥା ସେଦିନ ସାବିତ୍ରୀ ବ୍ରତ ଥିଲା, ମାଉସୀ ରାଧାକୃଷ୍ଣଙ୍କ ମନ୍ଦିର ଗଲେ, ମନ୍ଦିରରୁ ଫେରିଲା ପରେ ଭାଇନାଙ୍କୁ ସାଙ୍ଗରେ ଧରି ଗୋଟିଏ ରିକ୍ସାରେ ପାଖରେ ଥିବା ଅନାଥାଶ୍ରମକୁ ଯାଇ ସେମାନଙ୍କୁ ଫଳ ମୂଳ, ଓ ମିଠା ବାଣ୍ଟିଲେ, ଭାଇନାଙ୍କର ବୟସ ସେତେବେଳେ ପାଂଚ ବର୍ଷ, କିନ୍ତୁ ସେବେଠାରୁ ଭାଇନାଙ୍କ ମନ ଭିତରେ ଦୁଃଖି ରଙ୍କୀ ଲୋକମାନଙ୍କ ପାଇଁ ଏକ ପ୍ରକାର ଅନୁକମ୍ପା ଭରି ରହିଥିଲା ।

ଭାଇନା ଛୋଟ ଥିଲା ବେଳେ ମାଉସୀ ଏକ ସିଲାଇ ଦୋକାନ କରିଥିଲେ, ତା ସହ ଏମ୍ବ୍ରୋଡରୀ ଷ୍ଟିଚିଂ କାମ, ଦିନ ରାତି ଏକାକାର କରି କାମ କରୁଥିଲେ, ଭାଇନା ଖୁବ୍ ଜିନିୟସ୍ ଓ ହ୍ୟାଣ୍ଡସମ୍ ଥିଲେ, କଲେଜ୍‌ରେ ପଢିଲା ବେଳେ ଖୁବ୍ ମେଧାବୀ ଛାତ୍ର ମଧ ଥିଲେ, ପଦାର୍ଥ ବିଜ୍ଞାନ ବିଭାଗରେ ସ୍ନାତକୋତ୍ତର ଶିକ୍ଷା ସରିଲା ପରେ ସେ ଷ୍ଟେଟ୍ ବ୍ୟାଙ୍କ୍‌ରେ ପ୍ରୋବେସନାରୀ ଅଫିସର୍ ଭାବେ ଯୋଗ ଦେଇଥିଲେ କମ୍ପିଟେଟିଭ୍ ପରୀକ୍ଷା ରେ କ୍ୟାଲିଫାଏ କରି । ଭାଇନା ଙ୍କ ପାଇଁ ମାଉସୀ ନିଜେ ଏକ ସୁନ୍ଦରୀଆ ଝିଅଟିଏ ବୋହୁ କରିବେ ବୋଲି ପିଙ୍କି ଭାଉଜଙ୍କୁ ଠିକ୍ କରିଥିଲେ । ଭାଇନାଙ୍କ ବାହାଘର ପରେ ମାଉସୀ ବହୁତ ଖୁସି ଥିଲେ, ଦିନ ଗୁଡିକ ତାଙ୍କର ଭଲରେ କଟିଯାଉଥିଲା । ମାଉସୀ ଭାରି ଈଶ୍ୱର ବିଶ୍ୱାସୀ ଥିଲେ, ଘରେ ସବୁ ପର୍ବପର୍ବାଣୀ, ଓଷାବ୍ରତ, ସବୁ ପାଳନ କରୁଥିଲେ, ପିଠାପଣା ସବୁ ନିଜ ହାତରେ ତିଆରି କରୁଥିଲେ ଭାଇନା ଭଲପାଆନ୍ତି ବୋଲି । ଭାଉଜଙ୍କ କୋଳ ମଣ୍ଡନ କରି ଆଗ ପଛ ହୋଇ ନୋମା ଓ ଲୋମା ତାଙ୍କ ଜୀବନ ପରିଧିକୁ ଆସିଲେ । ଘର ପୁରି ଉଠିଲା । ମାଉସୀଙ୍କ ଖୁସି କହିଲେ ନସରେ । ମାଉସୀ ଦୁହିଁଙ୍କୁ କୋଟିନିଧି କରି କୋଳେଇ କାଖେଇ ବଡ କରିଥିଲେ । ସେ ଦୁହେଁ ଜେଜେମାର ସ୍ନେହ ଶ୍ରଦ୍ଧା ପାଇ ଭାରି ଖୁସି ଥିଲେ । ସାଙ୍ଗ ମାନଙ୍କ ମହଲରେ ଜେଜେମା କଥା ବେଶି ଆଲୋଚନା କରୁଥିଲେ, ମୋଟ ଉପରେ ହସଖୁସି ରେ ହୋହାଲ୍ଲା ଭିତରେ ସଂସାର ଆଗେଇ ଚାଲିଥିଲା, ନୋମା ପ୍ରଥମ ବର୍ଷ କଲେଜ୍ ରେ ପାଦ ଦେଲା, ରେଭେନ୍ସା ଜୁନିୟର କଲେଜ୍ ରେ, ଯୁକ୍ତ ଦୁଇ ବିଜ୍ଞାନ ବିଭାଗରେ, ସେତେବେଳେ ମାଉସୀ ତା ସହ ଛାଇ ଭଳି ରହିଥାନ୍ତି, ମାଉସୀ ଭଲ ମନ୍ଦ ଦୁଇଟି ଯାକ କଥା ଜାଣିବା ନିହାତି ଆବଶ୍ୟକ ବୋଲି ସବୁବେଳେ କହୁଥିଲେ, ମାଉସୀ ସବୁବେଳେ ଖୁସି ଖୁସି ରେ ଜୀବନ ଜୀଇଁବା ପାଇଁ ଚାହୁଁଥିଲେ । ଜୀବନ ସୁଖଦୁଃଖ ର ମିଶ୍ରଣ, ଦୁଃଖକୁ ଭୋଗିଲେ ସୁଖର ନିଆରା ଅନୁଭବ ମିଳେ ।

ନୋମା ଯୁକ୍ତ ଦୁଇ ବିଜ୍ଞାନ ପରେ ଏନ୍.ଆଇ.ଟି.ରେ କଂପ୍ୟୁଟର ସାଇନ୍ସ ବିଭାଗରେ ବି.ଟେକ୍ କଲା । ଏମିତି ଏମିତି ଖୁସିରେ ଦିନ ସବୁ ଗଡି ଚାଲିଥିଲା ଝରଣାରେ କୁଳୁ କୁଳୁ ନାଦ କରି ପାଣି ବୋହିଗଲା ପରି । ନୋମା ଚାକିରୀ କଲା । ସେଦିନ ମାଉସୀଙ୍କର ଖୁସି ଯେମିତି ଥଳଅଥଳ ମାନି ନଥିଲା । ତେତ୍ରିଶ କୋଟି ଦେବାଦେବୀଙ୍କୁ ମାନସିକ କରିପକାଇଥିଲେ ନୋମାର ମଙ୍ଗଳ ମନାସି, କିନ୍ତୁ ହଠାତ୍ ସବୁ ଠପ୍ କରି ବନ୍ଦ ହୋଇଗଲା । କରୋନା ମହାମାରୀର ଆତଙ୍କ ତାସହ ସେଇ ସମୟରେ ନୋମାର ବାହାଘର ନିର୍ବନ୍ଧ ରାଧା କୃଷ୍ଣଙ୍କ ମନ୍ଦିରରେ ହେଉଥାଏ । ଅତର୍କିତ ଭାବେ ସେଦିନ ସବୁ ଯେମିତି ବଦଳି ଗଲା ଅଚାନକ । ନୋମାର ଯିଏ ଆଇଶାଶୁ ହେବେ ସେ ଭଦ୍ର ମହିଳା ଜଣକ ମାଉସୀଙ୍କୁ ଦେଖିଲା ପରେ କାହିଁକି କେଜାଣି ଖୁବ୍ ଆଶ୍ଚର୍ଯ୍ୟ ହୋଇ ଜିଦ୍ କରି ବସିଲେ ମାଉସୀଙ୍କର ଅତୀତ ବିଷୟରେ ସବୁ ଜାଣିବା ପାଇଁ । ମାଉସୀ ପୁରାପୁରି ନୀରବ ଥିଲେ, ତାଙ୍କ ପାଟିରୁ ଗୋଟିଏ ବି ଶବ୍ଦ ବାହାରି ନ ଥିଲା । ଆଖି ଯୁଗଳରୁ ଲୋତକର ଧାରା ବୋହି ଚାଲିଥିଲା, ସମସ୍ତେ ହତଚକିତ ହୋଇ ମାଉସୀଙ୍କୁ ଚାହିଁ ରହିଥିଲେ, ହଠାତ୍ ଦୁଇ ତିନି ମିନିଟ୍ ବି ଯାଇନି ମାଉସୀ ଚେତା ହରାଇ ପଡିଗଲେ । ଭାଇନା ବ୍ୟସ୍ତ ହୋଇ ପଡିଲେ ପାଣି ମୁହଁରେ ଛାଟିଲା ପରେ ମାଉସୀଙ୍କର ଚେତା ଫେରିଲା । ସମସ୍ତେ ଚୁପ୍ ଥିଲେ, ନୋମାର ଆଇ ଶାଶୁ ବି ମୁଣ୍ଡ ତଳକୁ କରି ଛିଡା ହୋଇଥିଲେ । ସେଦିନ କଥା ସେଇଠି ଅଟକି ଯାଇଥିଲା,ନିର୍ବନ୍ଧ ବନ୍ଦ ହୋଇଯାଇଥିଲା ।

ସେଇ ଘଟଣା ପରଠାରୁ ମାଉସୀ କାହିଁକି କେଜାଣି ପୁରା ନୀରବି ଯାଇଥିଲେ ନିଜ ଭିତରେ, ଯେମିତି କୋରି ହୋଇ ଯାଉଥିଲେ । ଏମିତି ସମୟ ଆସିଥିଲା ଯେ ମାଉସୀ ଅଧିକ ଅଧିକ ନୀରବ ହୋଇଯାଇଥିଲେ ଯେତେବେଳେ ବି କିଛି କଥା କହୁଥିଲେ ଗୋଟିଏ କଥା କହୁଥିଲେ ହେ ଈଶ୍ୱର ମୋତେ କ୍ଷମା କରିଦିଅ ମୋ ଭୁଲ୍ ପାଇଁ, ମୋ ଭଲପାଇବାରେ କୌଣସି ଆବିଳତା ନଥିଲା, ଚିରନ୍ତନ, ଶାଶ୍ୱତ ଥିଲା ମୋ ପ୍ରେମ ।

ମୋର କିଛି ଦୋଷ ନଥିଲା....କାହିଁକି ମୁଁ ଦଣ୍ଡ ପାଇଲି ବିନା ଅପରାଧରେ ? ଏମିତି ଏମିତି କଥା ବାଉଳି ଚାଉଳି ହେଉଥିଲେ କେହି କିଛି ବୁଝି ପାରୁନଥିଲେ ମାଉସୀ କଣ ଓ କେଉଁ କଥା କହୁଛନ୍ତି । ସବୁ କହି ସାରିଲା ପରେ ଶେଷକୁ ସବୁଜ ବନାରସୀ ଶାଢିର କଥା ତାଙ୍କର ସମାପ୍ତ ହେଉଥିଲା । କହୁଥିଲେ ତମର ସେଇ ସବୁଜ ବନାରସୀ ଶାଢିକୁ ସାଇତିକି ଟ୍ରଙ୍କରେ ରଖିଛି, ତମେ ଥରେ ଆସ ଦେଖିକି ଯିବ । ଆସିବ ନାଁ ? ମୋତେ ଯେମିତି ଆଉ ଠକିବନି । ମୁଁ ଆଉ ସହି ପାରିବିନି କିଛି ବି । ମାଉସୀଙ୍କର ପାଗଳାମି ଦିନକୁ ଦିନ ବଢି ଚାଲିଥିଲା । ଶତପଥୀ ଭାଇନା ଓ ଭାଉଜ କିଛି ବୁଝି ପାରୁନଥିଲେ । କଣ ସବୁ ଏମିତି ଘଟିଗଲା ?

ବ୍ରେନ୍ ଏମ୍. ଆର. ଆଇ. କରିବାକୁ ଡାକ୍ତର ପରାମର୍ଶ ଦେଲେ, ରିପୋର୍ଟ ଆସିଲା ନିଉରନ୍ ସେଲ୍ ସବୁ କମ୍ପ୍ରେସଡ୍ ହୋଇ ଯାଇଛି । ଯେତେବେଳେ ଯାହା ମନକୁ ଆସୁଛି ତାହା କହୁଛନ୍ତି । ବର୍ତ୍ତମାନର କିଛି କିଛି କଥା ଭୁଲି ଯାଉଛନ୍ତି ମଧ । ଶତପଥୀ ଭାଇନା ବ୍ୟସ୍ତ ହେଇପଡୁଥିଲେ, ମାଆର ଏମିତି କାହିଁକି ହେଲା ? ସବୁଦିନେ ସଂଧ୍ୟା ବେଳେ ବ୍ୟାଙ୍କ୍‌ରୁ ଫେରିଲା ପରେ ମାଉସୀଙ୍କୁ ନେଇ କଲୋନୀରେ ଥିବା ଶ୍ରୀମାଆ ଓ ଅରବିନ୍ଦଙ୍କ ଆଶ୍ରମକୁ ଯାଉଥିଲେ । ଦିନ ସବୁ ଗଡିଚାଲିଥିଲା ତା ନିଜସ୍ୱ ଢଙ୍ଗରେ ।

ସେଦିନ ଆଶ୍ରମରେ ବାର୍ଷିକ ମହୋତ୍ସବ ଚାଲିଥାଏ । ମାଉସୀ ବସିଥିଲେ ଦର୍ଶକ ଗ୍ୟାଲେରିରେ ଭାଇନାଙ୍କ ସହ । ମୁଖ୍ୟ ଅତିଥି ଷ୍ଟେଜ୍ ଉପରକୁ ଆସିଲା ପରେ ଦୀପ ପ୍ରଜ୍ୱଳନ କରାଗଲା । ମାଉସୀ ଅନ୍ୟମନସ୍କ ହୋଇ ପଡୁଥିଲେ, ଆଖିରେ ଲୁହ । ଭାଇନାଙ୍କ ହାତ ଉପରେ ଲୁହ ବୁନ୍ଦା ଝରି ପଡୁଥିଲା । ଭାଇନା ବ୍ୟସ୍ତ ହୋଇ ପଡୁଥିଲେ, କଣ ହେଲା ମାଆର ? ମାଉସୀ ଧିର ସ୍ୱରରେ କହୁଥିଲେ ଆଜି ଏଇ ସଭାରେ ଯିଏ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି ସେ ତୋର ଜନ୍ମଦାତା । ଭାଇନା ନିର୍ବାକ୍, ମନ ଭିତରେ ଅନେକ ପ୍ରଶ୍ନଗୁଚ୍ଛ ? ? ସଭା କାର୍ଯ୍ୟକ୍ରମ ସରିଲା ପରେ ଭାଇନା ମାଉସୀଙ୍କୁ ନେଇ ଘରକୁ ଆସିଲେ । ମାଉସୀଙ୍କ ଆଖିରେ ନିଦ ନଥିଲା ଭାଇନା ଓ ଭାଉଜଙ୍କ ସାମ୍ନାରେ ଗପୁଥିଲେ ତାଙ୍କର ଅତୀତ ।

ଶ୍ରୀ ଚିନ୍ମୟ ଶତପଥୀ, ଆଇ.ଏ.ଏସ୍ । ସେ ଭଲପାଉଥିଲେ ତାଙ୍କୁ ଗଭୀର ଭାବରେ, ହଠାତ୍ ଦିନେ ସବୁ ଓଲଟ ପାଲଟ ହୋଇଗଲା । ଚିନ୍ମୟଙ୍କ ଘରେ ତାଙ୍କର ବାହାଘର ଅନ୍ୟତ୍ର ଠିକ୍ କରିଦେଲେ । ଚିନ୍ମୟ ଚାହୁଁ ନଥିଲେ କି ପ୍ରତିବାଦ କଲେନି, ବାହାଘର ଦିନ ସକାଳେ କୁଆଡେ ଚାଲିଗଲେ ଯେ ଆଉ ଫେରିଲେନି ଆଜି ସେ ପଣ୍ଡିଚେରୀରେ ଅବସ୍ଥିତ ଏକ ଆଶ୍ରମରେ ଅବସ୍ଥାନ କରୁଛନ୍ତି । ସବୁ ଯେମିତି ଲାଗୁଥିଲା ସ୍ଥିରୀକୃତ । ଶତପଥୀ ଭାଇନା ଓ ପିଙ୍କି ଭାଉଜ ଭାବୁଥିଲେ କାହିଁକି ସେଦିନ ନୋମାର ଆଇଶାଶୁ ଜିଦ୍ କରୁଥିଲେ ମାଉସୀଙ୍କର ଅତୀତ ଜାଣିବା ପାଇଁ, ମାଉସୀ ପୁଣି କହୁଥିଲେ ସେଦିନ ନୋମାର ନିର୍ବନ୍ଧ ଦିନ ଯିଏ ମୋତେ ଦେଖି ପଚାରିଥିଲେ ସେ ହେଉଛନ୍ତି ନର୍ସିଂ ହୋମ୍‌ର ନର୍ସ ଦିଦି ଯେଉଁଠି ତୁ ଜନ୍ମ ହେଇଥିଲୁ ।

ନିରାଡମ୍ବର ପରିବେଶରେ ଜନ୍ମାଷ୍ଟମୀ ଉତ୍ସବ ଚାଲିଥାଏ, କୃଷ୍ଣ ଜନ୍ମ ବୋଲା ହେଉଥାଏ । ମାଉସୀ ସବୁଜ ବନାରସୀ ଶାଢି ପିନ୍ଧି ଖୁବ୍ ସୁନ୍ଦର ଦିଶୁଥାନ୍ତି । ସମସ୍ତେ ଉପସ୍ଥିତ ଥାନ୍ତି, ନୋମାର ଭାବି ଆଇ ଶାଶୁ ମଧ ଥାନ୍ତି । ଚିନ୍ମୟ ବାବା ଆସିଲେ, ଗେରୁଆ ବସ୍ତ୍ର ପରିଧାନ କରିଥାନ୍ତି । ମାଉସୀଙ୍କୁ ଦେଖି ମୁଖମଣ୍ଡଳରେ ପ୍ରସନ୍ନତାର ଛାପ ସୁସ୍ପଷ୍ଟ, ଗମ୍ଭୀର ସ୍ୱରରାଜି, ରୁଦ୍ରାଣୀ "ତମେ ଜିତିଗଲ ମୁଁ ହାରିଗଲି ! !" ମାଉସୀଙ୍କ ଆଖିରେ ଲୁହର ବନ୍ୟା, ସମବେତ ସଙ୍ଗୀତର ଝଙ୍କାର, ନିଅନ୍ ଲାଇଟ୍ ଅଳ୍ପ ଅଳ୍ପ ଆଲୋକର ମାଉସୀ ଦିଶୁଥିଲେ ନବବଧୂଟିଏ ପରି । ରୁଦ୍ରାଣୀରୁ ସାବିତ୍ରୀ ମାଉସୀ ଏକ ଦୀର୍ଘ କ୍ଲାନ୍ତିକର ଯାତ୍ରା ...........


ଭଜନ କୀର୍ତ୍ତନର ଆସର ଚାଲିଥାଏ, ମହାପ୍ରଭୁ ଶ୍ରୀକୃଷ୍ଣଙ୍କର ଜନ୍ମାଷ୍ଟମୀ ଉତ୍ସବ ଉଦଯାପନ ହେବା ଅବସରରେ ସାବିତ୍ରୀ ମାଉସୀ ବସି ଦେଖୁଥାନ୍ତି ନିର୍ଲିପ୍ତ ଭାବେ, ଅତି ନିକଟରେ ଚିନ୍ମୟ ବାବା ବସିଥାନ୍ତି । ମହୋତ୍ସବ ସରିଲା, ସମସ୍ତେ ଉଠିଲେ ନିଜ ବସିବା ସ୍ଥାନରୁ । ମାଉସୀ ଟଳି ପଡିଥିଲେ ସେଇଠି ଚିନ୍ମୟ ବାବାଙ୍କ କୋଳରେ ଚିର ଦିନ ପାଇଁ .....

ବରିଷ୍ଠ ଅଧାପକ: କେମେଷ୍ଟ୍ରି
ୟୁ.ଏନ୍ ଅଟୋନୋମାସ୍ କଲେଜ
ଅଡଶପୁର, କଟକ-୭୫୪୦୧୧
(ମୋ) ୯୯୩୮୪୪୦୯୪୯



# ଚିୟର୍ସ

ଘନଶ୍ୟାମ ପଲେଇ



ଛାଡ ଖାଇ ପାଇଁ ପ୍ରାୟ ତ ସରିଥିଲା ସମସ୍ତ ପ୍ରକାରର ପ୍ରସ୍ତୁତି । ସମସ୍ତ ସାଙ୍ଗପିଲା ମିଶି କରୁ ଥିଲେ ଭୋଜି । ପରିବାରଠାରୁ ସମସ୍ତେ ଦୂରରେ ରହୁଥିବାରୁ ଖିଆପିଆର ନ ଥିଲା ବାରଣ । ନିଜ ନିଜ ପସନ୍ଦ ମୁତାବକ ଖାଇବେ ଆଜି ଖାଦ୍ୟ ।

ସନ୍ଧ୍ୟାରେ ବସି ଗଲେ ଗୋଲେଇ ହେଇ । ମୁଖ୍ୟ ଖାଦ୍ୟ ଖାଇବା ଆଗରୁ ଆରମ୍ଭ ହେଇଗଲା ସ୍ନାକ୍ସ । ତା' ସାଙ୍ଗକୁ ବ୍ୟାଗରୁ କଢା ହେଲା ବୋତଲ । ନାଲିପାଣିକୁ ସମସ୍ତଙ୍କ ଗ୍ଲାସରେ ଥୋଇ ଦେଇ ମନେଇଲେ ଖୁସି । ଚାଲିଲା ଖୁସି ଗପ । ହେଲେ ଏଇ କିଛି ଦିନ ତଳେ ଆସି ମିଶିଥିବା ଆକାଶଟା ଜମାରୁ ବି ହେଇପାରୁ ନଥିଲା ଖୁସି । ଦିଶୁଥିଲା ମୁହଁ ତା'ର ବିଷର୍ଣ୍ଣ । କାନ୍ଦ କାନ୍ଦ ମୁହଁ ଦେଖି ଜଣେ ପଚାରିଲା – କାହା କଥା ମନେ ପଡୁଛି କିରେ ? ଏତେ ଇମୋସନ ହେଇଗଲୁ ଯେ !

ଆକାଶ କହିଲା, ମୋ ବାପାଙ୍କ ମୁହଁଟା ଜଳ ଜଳ ନାଚି ଉଠୁଚି ମୋ ଆଖି ସାମ୍ନାରେ । ଗ୍ଲାସର ନାଲି ପାଣିରେ ବାପାଙ୍କ ସେଇ ହାଡୁଆ ମୁହଁଟା ଚହଲି ଯାଉଛି । ବାପାଙ୍କ ମରିବାର ପାଞ୍ଚ ବର୍ଷ ହେଲାଣି ,ହେଲେ ମୋତେ ଲାଗୁଛି ବାପା ମୋ ପାଖେ ପାଖେ ଅଛନ୍ତି ସବୁବେଳେ । ଗ୍ଲାସ ଉଠେଇଲା ବେଳେ ମୋ ବିବେକ ଦେଉଛି ବାଧା । ପରିବାରର ସଂସ୍କାର କହୁଛି ଏ ସବୁରୁ ରହ ଦୂରରେ । ବାପାଙ୍କ କଥା କାଇଁ ଆଜି ବେଶି ବେଶି ପଡୁଛି ମନେ ।

ବାଏଁ ବାଏଁ ହସି ଉଡାଇ ଦେଲେ ଆକାଶର କଥାକୁ । ଧ୍ୟାନ ନ ଦେଇ ମାତିଲେ ଭୋଜିରେ ।

ଏଣେ ଆକାଶ ଏକ ଅପରାଧ ବୋଧରେ ହେଉଥାଏ ଘାଣ୍ଟି । ସେ ଥିଲା ଜଣେ ଚାଷୀ ବାପର ପୁଅ । ଆଜି ବି ତା'ର ମନେ ପଡୁଛି ଗାଁ'ର ଏକ ସରକାରୀ ଯୋଜନାରେ ହେଉଥିବା ନିମ୍ନମାନର ରାସ୍ତା କାମକୁ ବିରୋଧ କରି ହେଇଥିବା ବାପାଙ୍କର ହଟହଙ୍ଗାର ଦୃଶ୍ୟ । ବଡ ଅଫିସର ସହ କୁଜି ନେତାଏ ମିଶି କରିଥିଲେ ବାପାଙ୍କୁ ହିନସ୍ତା । ଗାଁ ମୁଣ୍ଡରେ ଡାକିଥିଲେ ଏକ ସଭା । ବାପାଙ୍କୁ ଦୋଷୀ ସଜାଇବାର ଚାଲିଲା ସମସ୍ତ ପ୍ରଚେଷ୍ଟା । ନ୍ୟଷ୍ଟ ସ୍ୱାର୍ଥ ଲୋକେ ତ ଆରମ୍ଭି ଦେଇଥିଲେ ଗାଳିଗୁଲଜ । ଆସିଥିବା ଅଫିସର ଜଣଙ୍କ ସମସ୍ତଙ୍କ ସମ୍ନାରେ ବାପାଙ୍କୁ ପଚାରିଲେ- କିହୋ ! ମଦ ପିଇଛ କି ? ନିଶାରେ କ'ଣ ସବୁ କରିଯାଉଛ ଅଭିଯୋଗ । ଭଲ ଦଶା ଅଛି ତ ଫେରେଇ ଆଣ ! ସେ ଅଭିଯୋଗ । ମଦ ନିଶାରେ କହିଲା କ'ଣ ନା... ରାସ୍ତା କାମ ଠିକରେ ହେଉ ନାହିଁ । ମଦୁଆ କେଉଁଠିକାର ।

ସମସ୍ତେ ଚୁପ୍ । କାହାରି ପାଟିରୁ ବାହାରୁ ନ ଥାଏ କଥା । ଆକାଶ ବି ଗଛ ମୂଳରେ ଡୁଙ୍ଗି ସବୁ ଶୁଣୁଥାଏ । ତା' ବାପା କହିଲେ- ହଁ ହଁ ! ମୁଁ ମଦୁଆ । ଏକ ନମ୍ବର ମଦୁଆ । ନିଇତି ନିଇତି ପିଏ ମୁଁ ମଦ । ଆଜି ବି ସକାଳୁ ମଦ ପିଇ ଆସିଛି । ନିଶା ବଢିଲା ବୋଲି ତ ଅନ୍ୟାୟ ବିରୋଧରେ କରିପାରୁଛି ଲଢେଇ ।

ସଭିଏଁ ହେଲେ ବଡ ଆଶ୍ଚର୍ଯ୍ୟ । ଆକାଶ ବି କିଛି ଭାବି ପାରୁ ନ ଥାଏ । ଏ କ'ଣ କହୁଛନ୍ତି ବାପା । ବାପା ତା'ର ପୁଣି କହିଲେ--- ମୁଁ ଇମିତି ସିମିତ ପିଏନା ମଦ । ପିଏ ତ ବ୍ରାଣ୍ଡେଡ ମଦ, ନାଇଁ ତ ନାଇଁ । ପିଏ ଭଗବତ ଗୀତା ରୂପକ ମଦ । ଆଉ ପିଏ ଭାଗବତ, ମହାଭାରତ, ରାମାୟଣରୁ ଝରୁଥିବା ଅମୃତ ରସର ମଦ । ସେ ମଦରେ ସବୁବେଳେ ମୁଁ ଥାଏ ମତୁଆଲା । ସେଇ ନିଶା ଯୋଗୁଁ ତ ଲଢିପାରୁଛି ଅନ୍ୟାୟ ବିରୁଦ୍ଧରେ । ମାଗିପାରୁଛି ଗାଁର ଗରିବ ଗୁରୁବାଙ୍କ ହକ ।

ଗାଁ ଲୋକଙ୍କ ତାଳିମାଡରେ ପୂରି ଉଠିଥିଲା ସେଦିନ ସଭାସ୍ଥଳି । ଆକାଶର ଛାତିଟା ବି ବାପାଙ୍କୁ ନେଇ ସେଦିନ ଗର୍ବରେ ହେଇ ଯାଇଥିଲା ଚଉଡା । ଆଉ ଆଜି ବାପାଙ୍କ ଆବର୍ତ୍ତମାନରେ ପିଉଛି ସେ ମଦ ଲୁଚି ଲୁଚି ସାଙ୍ଗମାନଙ୍କ ଗହଣରେ ।ବାନ୍ତି ଉଠେଇଲା ଭିତରୁ ...ଅଃ ! ଅଃ ! ... ମୋ ଦେହି ଏସବୁ ହେବ ନି କହି ଉଠି ଚାଲିଗଲା ତା' ରୁମକୁ ।

ଅନ୍ୟ ସାଙ୍ଗମାନେ କହୁଥିଲେ- ଘାସ ଫୁସ୍ ଖାଇବା ବାଲା ମୂର୍ଖଟା । କାହୁଁ ଜାଣିବ,ଏହାର ମଜା । ତା' ପାଇଁ ଆମ ପାର୍ଟିଟା କାଇଁ କରିବା ନଷ୍ଟ । ଜୋରରେ ପାଟି କରି ଉଠିଲେ ସଭିଏଁ.... ଚିୟରସ୍ ।

+ଟେନସା,
ସୁନ୍ଦରଗଡ- ୭୭୦୦୪୨,
ମୋ- ୯୪୩୭୭୧୮୫୦୦

# ସାବାଳକ ବୟସରେ ପଦାର୍ପଣ କଲା ସ୍ୟାଣ୍ଡ ଫେଷ୍ଟ



ବାଲେଶ୍ୱର, ୧୦/୧୨ (ନି.ପ୍ର): ବାଲେଶ୍ୱରର ସର୍ବପୁରାତନ ସାଂସ୍କୃତିକ ଅନୁଷ୍ଠାନ ସ୍ୟାଣ୍ଡଫେଷ୍ଟର ଶେଷ ସଫଳ ସନ୍ଧ୍ୟା ଆଜି ଗାନ୍ଧୀସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ସାଂସଦ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ଜେନା, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସମାଜସେବୀ ତଥା ଯୁବ ନେତା ଶ୍ରୀଯୁକ୍ତ ନବଜ୍ୟୋତି ପଟ୍ଟନାୟକ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ପ୍ରଦୀପ କୁମାର ଦାସ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶେଷ ସନ୍ଧ୍ୟାର ସଭାରେ ଅଧକ୍ଷ ଅଜୟ କୁମାର ବିଶ୍ୱାଳ, ଉପାଧକ୍ଷ ପ୍ରକାଶ କିଶୋର ନାୟକ, ଉପଦେଷ୍ଟା ଅନୁପ ମିଶ୍ର, ମୌସମ ସିଂ, କାର୍ଯ୍ୟକାରୀ ସଭାପତି ଶ୍ୟାମ ସୁନ୍ଦର ମହାନ୍ତି, ସାଧାରଣ ସମ୍ପାଦକ ଦେବଦତ୍ତ ଦାସ, ସମ୍ପାଦକ ସୀମନ ଦାସ ମହାପାତ୍ର, ଉପସଭାପତି ବ୍ରଜ କିଶୋର ପ୍ରଧାନ, ବିକାଶ ପାଢ଼ୀ, ସାଂସ୍କୃତିକ ସମ୍ପାଦକ ଲକ୍ଷ୍ମୀକାନ୍ତ ସ୍ୱାଇଁ, ସାଂଗଠନିକ ସମ୍ପାଦକ ଝାଡ଼େଶ୍ୱର ଜେନା, ପାର୍ଥ ସାରଥି ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଉପସଭାପତି ବ୍ରଜ କିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶେଷ ସନ୍ଧ୍ୟାରେ ଅନେକ କୃତି ପ୍ରତିଯୋଗୀ, ସମ୍ମାନିତ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବଲିଉଡର ବିଖ୍ୟାତ ପ୍ରଚ୍ଛଦପଟ ଗାୟକ ଅରିନ୍ଦମ ଚକ୍ରବର୍ତ୍ତୀ ଙ୍କ ସୁମଧୁର ସଙ୍ଗୀତ ପରିବେଷଣ କରାଯାଇଥିଲା। ତିନି ଦିନିଆ ସ୍ୟାଣ୍ଡଫେଷ୍ଟ ରେ ଆଜି ମିସ୍ ସ୍ୟାଣ୍ଡଫେଷ୍ଟ ର ଶେଷ ରାଉଣ୍ଡ, ଗ୍ରୁପ ଡ୍ୟାନ୍ସ, ଏ ବର୍ଷର ବିଶେଷ ଆକର୍ଷଣ କୁଇନ ଅଫ ସ୍ୟାଣ୍ଡଫେଷ୍ଟ ର ମ୍ୟୁଜିକ ଚେୟାର ଓ ରାମ୍ପ ଶୋ ଆଦି ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସୁକୀର୍ତ୍ତି, ରଶ୍ମିରଞ୍ଜନ, ଦେବଶ୍ରୀ, ଖୀରାବ୍ଧି, ସ୍ମିତା, ଶିବାନୀ,ବିଶାଲ, ଶୁଭଶ୍ରୀ, ରୂପାଲୀ, ରମ୍ୟା, ସୁଇଟି, କୌଶଲ୍ୟା, ଜୀବନ,ରାଜୀବ, ମୋନାଲିସା,ଅନୁରାଗ, ସୌମ୍ୟରଂଜନ, ଦିବ୍ୟ ରଞ୍ଜନ, ପ୍ରୀତିସୁନ୍ଦର ଆଦି ସଦସ୍ୟମାନେ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଲେ ୨୧୭ ପ୍ରତିଯୋଗୀ



ଭଦ୍ରକ, ୧୦/୧୨ (ନି.ପ୍ର): ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନ ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ, ଭୁବନେଶ୍ୱର ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଆଜି ଜିଲ୍ଲା ସ୍ତରରେ ସରକାରୀ ଉଚ୍ଚ ବିଦ୍ୟାଳୟ (ପୂର୍ବତନ ସରକାରୀ ବାଳିକା ବିଦ୍ୟାଳୟ) ପରିସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଜିଲ୍ଲାସ୍ତରରୁ ଆସିଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରତିଯୋଗିତରେ ଅଂଶ ଗ୍ରହଣ କରିଥିଲେ । ମୋଟ ୨୧୭ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ ସବୁଜ ବିଭାଗରୁ ୩୦ଜଣ ( ୫ ରୁ ୮ବର୍ଷ), ଧଳା ବିଭାଗରୁ ୧୦୨ ଜଣ ( ୯ରୁ୧୨ବର୍ଷ) ଓ ନୀଳ ବିଭାଗରୁ ୫୮ ଜଣ (୧୩ ରୁ ୧୬ବର୍ଷ) ଯୋଗଦାନ କରିଥିଲେ । ସାଧାରଣ ବିଭାଗରୁ ୧୯୦ ଜଣ ଏବଂ ସ୍ୱତନ୍ତ୍ର ବିଭାଗରୁ ୨୭ଜଣ । ଲାଲ୍ ଉପବିଭାଗରୁ ୨୧ ଜଣ ( ୫ ରୁ ୧୦ବର୍ଷ) ଓ ହଳଦିଆ ବିଭାଗରୁ ୦୬ ଜଣ ( ୧୧ ରୁ ୧୮ବର୍ଷ) ଅଂଶ ଗ୍ରହଣ କରିଥିଲେ । ଦକ୍ଷ ବିଚାରକ ଭାବେ ନାରାୟଣ ଚନ୍ଦ୍ର ବେହେରା, ନିତ୍ୟାନନ୍ଦ ରାଉତ, କରୁଣାକର ବାରିକ ପ୍ରମୁଖ ଯୋଗଦାନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ମୁଖ୍ୟ ସଂଯୋଜକ ଭାବେ ଆଇନ ପରିବୀକ୍ଷଣ ଅଧିକାରୀ ସୁବ୍ରତ ଦାସ ପରିଚାଳନା କରିଥିବା ବେଳେ ଶିଶୁ ସୁରକ୍ଷା ୟୁନିଟ୍‌ର ସ୍ୱାଗତିକା ବାରିକ, ଦମୟନ୍ତୀ ଦାଶ, ଚିନ୍ମୟ ପଣ୍ଡା ଏବଂ ଶିଶୁ ଅନୁଷ୍ଠାନରୁ ତଥାଗତ ଜେନା, ସସ୍ମିତା ନାୟକ, ଅରବିନ୍ଦ ସେଠୀ, ନିବେଦିତା ଲେଙ୍କା, ଧନଞ୍ଜୟ ଜେନା, ପ୍ରଦୀପ୍ତ ନାୟକ, ଆକାଶ ପୃଷ୍ଟି, ସତ୍ୟଦେବ ପାତ୍ର, ଭାଗ୍ୟଶ୍ରୀ ମହାକୁଡ଼, ସମ୍ବିତ ମହାନ୍ତି, ରିୟାଜ ଅହମ୍ମଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ସୁଜାତା ଜେନା ଯୋଗଦାନ କରି ପିଲାମାନଙ୍କୁ ପ୍ରତିଯୋଗିତାରେ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ଶିକ୍ଷକ ମନୋଜ ସାହୁ ପ୍ରତିଯୋଗିତା ନିମନ୍ତେ ସମସ୍ତ ସହଯୋଗ କରିଥିଲେ । କୃତୀ ପ୍ରତିଯୋଗୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଭାବାନଙ୍କୁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସମ୍ମାନୀତ ଓ ପ୍ରମାଣ ପତ୍ର ପ୍ରଦାନ କରାଯିବ ଓ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କ ଚିତ୍ର ରାଜ୍ୟସ୍ତରକୁ ପ୍ରେରଣ କରାଯିବ ବୋଲି ଆଇନ୍‌ପ୍ରୋବେସନ ଅଧିକାରୀ ଶ୍ରୀ ଦାସ ସୂଚନା ଦେଇଛନ୍ତି । ଶିଶୁ ସୁରକ୍ଷା ଅଧିକାରୀ ସମସ୍ତ ପ୍ରତିଯୋଗୀମାନଙ୍କର ପ୍ରତିଭାକୁ ପ୍ରଶଂସା କରିଛନ୍ତି ଏବଂ ରାଜ୍ୟସ୍ତରରେ ସ୍ଥାନ ବଜାୟ ରହିବ ବୋଲି ଆଶା ରଖିଛନ୍ତି ।

## ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ବଲାଙ୍ଗିର, ୧୦/୧୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲାର ସରକାରୀ ଟାଉନ ବାଳିକା ବିଦ୍ୟାଳୟ ଠାରେ ଓଡ଼ିଶା ରାଜ୍ୟ ଶିଶୁ ପରିଷଦ ଭୁବନେଶ୍ୱର ତରଫରୁ ଆଜି ଆୟୋଜିତ ରାଜ୍ୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମକୁ ଜିଲ୍ଲାର ଶିଶୁ ସୁରକ୍ଷା ୟୁନିଟ ର ଆଇନ ପରିବିକ୍ଷକ ଅଧିକାରୀ ଦିଗମ୍ବର କର, ଚୁଡ଼ାମଣି ପଣ୍ଡା, ସୁଧାଂଶୁ ଶେଖର କୁମ୍ଭାର, ଅରୁଣ କୁମାର ଖୁଆସ, ପ୍ରମୋଦ ବଗର୍ତି, ସୁଦାମ ସୁନା ଓ ଶିଶୁ ମଙ୍ଗଳ ସମିତିର ସଦସ୍ୟ ସୀତାରାମ ହୋତା, ସନ୍ଧ୍ୟାରଣି ପଣ୍ଡା ଓ ଲୀନ ବାବୁ ଙ୍କ କରକମଳରେ ଶୁଭ ଉଦଘାଟିତ ହୋଇଯାଇଛି । ଏଥିରେ ଆଇନ ପରିବିକ୍ଷକ ଅଧିକାରୀ ଦିଗମ୍ବର କର ସଭା କାର୍ଯ ପରିଚାଳନ ପୂର୍ବକ ଚିତ୍ରାଙ୍କନ ପ୍ରତିଯୋଗିତାର ସମାସ୍ତ ନିୟମାବଳୀ ବୁଝାଇ କହିଥିଲେ । ଏଥିରେ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ, ସାଧାରଣ ବର୍ଗ ଓ ଦିବ୍ୟାଙ୍ଗ ବର୍ଗ ର ଶିଶୁ ମାନଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଥିଲା । ଏଥିରେ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର ଏବଂ ଡିବ୍ୟଙ୍ଗ ସ୍କୁଲର ଛାତ୍ର ଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ ।

# ଫକୀରମୋହନ କଲେଜ ପୁରାତନ ଛାତ୍ର ସଂସଦର ପ୍ରତିଷ୍ଠାତା ସଦସ୍ୟ ଶାନ୍ତନୁ ମିଶ୍ରଙ୍କର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ

ବାଲେଶ୍ୱର, ୧୦/୧୨ (ନି.ପ୍ର): ଫକୀରମୋହନ କଲେଜ ପୁରାତନ ଛାତ୍ର ସଂସଦ ତରଫରୁ ସଂସଦର ପ୍ରତିଷ୍ଠାତା ସଦସ୍ୟ ଶାନ୍ତନୁ ମିଶ୍ରଙ୍କର ଶ୍ରଦ୍ଧାଞ୍ଜଳି ସଭା ସଂସଦର ବରିଷ୍ଠ ସଦସ୍ୟ ପଦ୍ମଲୋଚନ ଦତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଇଯାଇଛି । ସ୍ୱର୍ଗତ ଶାନ୍ତନୁ ମିଶ୍ରଙ୍କ ଆମର ଆତ୍ମାର ସଦଗତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସଂସଦର ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ମହାନ୍ତି ଓ ଦୀପକ ଦାସ ସ୍ୱର୍ଗତ ଶାନ୍ତନୁ ମିଶ୍ରଙ୍କ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ସଭ୍ୟ ଅରବିନ୍ଦ କୁମାର ମହାନ୍ତି, ରାମପ୍ରସାଦ ପ୍ରଧାନ, ସୁଧାଂଶୁ ଶେଖର ଭୂୟାଁ , ଅମୃତାଂଶୁ ପଟ୍ଟନାୟକ, ଯଶୋଦାନନ୍ଦନ ଆଶ୍, ନିଖିଳ ଆଶ, ରମାକାନ୍ତ ମହାନ୍ତି, ପ୍ରଣିତା ମିଶ୍ର, ପାର୍ଥ ଆଶ ଅବନ୍ତି ପ୍ରଧାନ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ସଂଗଠନ ସମ୍ପାଦକ ଗୋପାଳ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀ ଜଗନ୍ନାଥ ଟ୍ରଷ୍ଟର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୧୦/୧୨ (ନି.ପ୍ର): କେନ୍ଦ୍ରାପଡା ର ଜଣାଶୁଣା ସାମାଜିକ ଓ ସମାଜସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟର କର୍ମକର୍ତାମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଆନ୍ତର୍ଜାତିକ ମାନବାଧିକାର ଦିବସ ଉପଲକ୍ଷେ ଜିଲ୍ଲା ମାନବାଧିକାର ପରିଷଦ ପକ୍ଷରୁ ଚୂନଡିଅ ଅଡିଟୋରିୟମ ଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତି ଓ ଉପ ସଭାପତି ରଶ୍ମିରଞ୍ଜନ ବାରିକଙ୍କୁ ନିସ୍ୱାର୍ଥପର, ଉତ୍ସର୍ଗୀକୃତ ସେବାପାଇଁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆ ଯାଇଛି । ଡାକ୍ତର ବୀଣାପାଣି ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଶିବ ସୁନ୍ଦର ସ୍ୱାଇଁ, ଦେବାଶିଷ ତ୍ରିପାଠୀ, ପ୍ରଫୁଲ୍ଲ ଦାସ, କିଶୋର କୁମାର କୁଣ୍ଡୁ, ସସ୍ମିତା ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ନାରାୟଣ ସାହୁ ମଂଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସଭାପତି ପ୍ରତାପ ଚନ୍ଦ୍ର ପାଢ଼ି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ ।

# ଆସନ୍ତା ୧୬ରେ ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ୧୮ଶ ସମ୍ମିଳନୀର ସଫଳତା ପାଇଁ ମହିଳା ସାମୁଖ୍ୟ ବୈଠକ

ବାଲେଶ୍ୱର, ୧୦/୧୨ (ନି.ପ୍ର): ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଆସନ୍ତା ଅଷ୍ଟାଦଶ ବାର୍ଷିକ ସମ୍ମିଳନୀର ସଫଳତା ପାଇଁ ମହିଳା ସାମ୍ମୁଖ୍ୟର ବୈଠକ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। କ୍ରିୟାନୁଷ୍ଠାନ କମିଟିର ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା କମିଟିର ସଭାପତି ନିରଞ୍ଜନ ପରିଡ଼ା ଅଧକ୍ଷତା କରିଥିଲେ। ମହିଳା ସାମ୍ମୁଖ୍ୟର ସମ୍ପାଦିକା ତଥା ବୈଠକର ଆବାହିକା ଶ୍ରୀମତୀ ସରସ୍ୱତୀ ପଣ୍ଡା ତାଙ୍କ ବକ୍ତବ୍ୟରେ ବାଲେଶ୍ୱରରେ ସରକାରୀ ମେଡ଼ିକାଲ କଲେଜ ପ୍ରତିଷ୍ଠାରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ। ୨୦୦୫ ମସିହାରୁ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ଶହ ଶହ ମହିଳାମାନେ ବିଭିନ୍ନ ସଭା, ଶୋଭାଯାତ୍ରା ଓ ଗଣଧାରଣାରେ ଯୋଗ ଦେବାରୁ ସଫଳତା ମିଳିଥିଲା। ମେଡିକାଲ୍ କଲେଜ ପ୍ରତିଷ୍ଠା ହୋଇଥିଲେ ମଧ ବହୁ ଗୁରୁତର ରୋଗ ଚିକିତ୍ସା ପାଇଁ ଅଭିଜ୍ଞ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନାହାନ୍ତି। ତେଣୁ ଏବେବି ବହୁ ରୋଗୀଙ୍କୁ କଟକ, ଭୁବନେଶ୍ୱରକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଉଛି। ବାଲେଶ୍ୱର ଜିଲ୍ଲାରେ ଥିବା ବହୁ ସରକାରୀ ଚିକିତ୍ସାଳୟରେ ଆବଶ୍ୟକୀୟ ଡାକ୍ତର ନାହାନ୍ତି। ପରିବାରର ଯେ କୌଣସି ସଦସ୍ୟ ଅସୁସ୍ଥ ହେଲେ ସେହି ପରିବାର ମହିଳା ସଦସ୍ୟାମାନେ ଅଧିକ ମାନସିକ ଓ ଶାରୀରିକ ଭାବେ ଚାପଗ୍ରସ୍ତ ରୁହନ୍ତି। ତେଣୁ ଆସନ୍ତା ୧୬ ତାରିଖ ବାର୍ଷିକ ସମ୍ମିଳନୀରେ ମହିଳା ସଦସ୍ୟମାନେ ଅଧିକ ସଂଖ୍ୟାରେ ଯୋଗଦେଇ ବାଲେଶ୍ୱର ଜିଲ୍ଲାର ଚିକିତ୍ସା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ କ୍ରିୟାନୁଷ୍ଠାନ କମିଟିର ଦାବିକୁ ସାକାର କରିପାରିବା ବୋଲି ଶ୍ରୀମତୀ ପଣ୍ଡା ଆହ୍ୱାନ ଦେଇଥିଲେ। ଏହି ବୈଠକରେ ପ୍ରମିତା ଦାସ, ବନ୍ଦନା ବିଶ୍ୱାସ, ମିନତୀ ପାତ୍ର, ମୀନତୀ ରାୟ, ଅର୍ଚ୍ଚନା ନନ୍ଦୀ, ପ୍ରତିମା ପଣ୍ଡା, କଲ୍ୟାଣୀ




ନନ୍ଦ, ସଂଯୁକ୍ତା ବେହେରା, କ୍ରିଷ୍ଣା ସାହୁ, ଅନିମା ଜେନା, ତୁଳସୀ ଦାସ, ଜୟଶ୍ରୀ ବିଶ୍ୱାଳ, କୃଷ୍ଣା ବିନ୍ଧାଣୀଙ୍କ ସମେତ ଜିଲ୍ଲା କମିଟି ପକ୍ଷରୁ ନିରଞ୍ଜନ ରାଉତ, ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା ଓ ଜତିନ୍ ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କବିତା ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ୫ ଦିନ ପରେ ସରିଲା...

ଏ କାରବାର ଚାଲିଛି ବୋଲି କଂଗ୍ରେସ ଅଭିଯୋଗ କରିଛି । ସେ ଅଭିଯୋଗ କରିଛନ୍ତି ଯେ ଉଭୟ ବିଜେପି ଓ ବିଜେଡିର ନେତାମାନେ ଏହି ମଦ ବ୍ୟବସାୟୀଙ୍କ ସଂଗଠନରେ ଲାଭାର୍ଥୀ ଥିଲେ । ତେଣୁ ବିଚାରବିଭାଗୀୟ ତଦନ୍ତ ହେଲେ ପ୍ରକୃତ ସତ ପଦାକୁ ଆସିପାରିବ ବୋଲି ସେ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ମନୋରଞ୍ଜନ ଦାଶ, ରଶ୍ମି ମହାପାତ୍ର ଉପସ୍ଥିତ ଥିଲେ ।

## ବିଷ୍ଣୁଦେଓ ସାଏ ...

ସରକାର ଗଢ଼ିବା ପାଇଁ ମ୍ୟାଜିକ୍ ନମ୍ବରଠାରୁ ଢେର ଅଧିକ ଆସନ ପାଇଥିଲେ ସୁଦ୍ଧା ବିଜେପି ଗଲା ୬ ଦିନ ହେଲା କାହାକୁ ମୁଖ୍ୟମନ୍ତ୍ରୀ କରିବ, ସେ ନେଇ ଘୋଷଣା କରି ନଥିଲା। ଆଜି ରାୟପୁରରେ ଦଳର ନବନିର୍ବାଚିତ ୫୪ ବିଧାୟକଙ୍କ ବୈଠକ ବସିଥିଲା। ଏହି ବୈଠକରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ କେନ୍ଦ୍ର ମନ୍ତ୍ରୀ ସଦାନନ୍ଦ ସୋନୋୱାଲ, ଅର୍ଜୁନ ମୁଣ୍ଡା ଓ ଦଳର ବରିଷ୍ଠ ନେତା ଦୁଶୟନ୍ତ ଗୌତମ ଉପସ୍ଥିତ ରହିଥିଲେ। ସେମାନେ ସମସ୍ତ ୫୪ ଜଣ ନବନିର୍ବାଚିତ ଦଳୀୟ ବିଧାୟକଙ୍କ ସହିତ ଆଲୋଚନା କରିଥିଲେ। ସେହି ବୈଠକରେ ବିଷ୍ଣୁଦେଓ ସାଏଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ନିଷ୍ପତ୍ତି ହୋଇଥିଲା। ୧୫ ବର୍ଷ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ରହିଥିବା ରମଣ ସିଂହଙ୍କ ନାଁ ମଧ ଏଥର ରେସ୍‌ରେ ଥିଲା। ହେଲେ ତାଙ୍କୁ ଚତୁର୍ଥ ଥର ମୁଖ୍ୟମନ୍ତ୍ରୀ ହେବାକୁ ସୁଯୋଗ ମିଳିନାହିଁ। କିନ୍ତୁ ବିଷ୍ଣୁଦେଓ ସାଏ ତାଙ୍କର ଘନିଷ୍ଠ ବୋଲି କୁହାଯାଉଛି। ରେଜଲ୍ଟ ବାହାରିବାର ପ୍ରାୟ ସପ୍ତାହ ଧରି କସରତ କରିବା ପରେ ବିଜେପି ଶେଷରେ ବିଷ୍ଣୁଦେଓ ସାଏଙ୍କୁ ମୁଖ୍ୟମନ୍ତ୍ରୀ କରିଛି। ଆଦିବାସୀ ନେତା ବିଷ୍ଣୁଦେଓ ବିଜେପି ବିଧାୟକ ଦଳ ନେତା ଭାବେ ନିର୍ବାଚିତ ହୋଇଛନ୍ତି। ନେତା ନିର୍ବାଚିତ ହେବା ପରେ ସେ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ସାକ୍ଷାତ କରି ବିଧିବଦ୍ଧ ଭାବେ ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି। ଖୁବଶୀଘ୍ର ସେ ଛତିଶଗଡ଼ର ୪ର୍ଥ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ମୁଖ୍ୟମନ୍ତ୍ରୀ ଦୌଡ଼ରେ ଅନେକ ବିଜେପି ନେତା ରହିଥିବାରୁ ଏବେ ଦଳ ସମସ୍ତଙ୍କୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ ଆରମ୍ଭ କରିଛି। ଛତିଶଗଡ଼ରେ ୨ ଜଣ ଉପ ମୁଖ୍ୟମନ୍ତ୍ରୀ ଭାବେ କାମ କରିବେ। ସେହିପରି ମୁଖ୍ୟମନ୍ତ୍ରୀ ପଦ ପାଇଁ ସବୁଠାରୁ ଆଗରେ ଥିବା ବରିଷ୍ଠ ନେତା ରମଣ ସିଂହ ରାଜ୍ୟ ବିଧାନସଭାର ବାଚସ୍ପତି ଭୂମିକାରେ ରହିପାରନ୍ତି। ସେ ୨୦୦୩ରୁ ୨୦୧୮ ଯାଏ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଭାବେ କାମ କରିଥିଲେ। ୨୦୧୮ରେ ବିଜେପି ହାରିବା ସହ ରମଣ ସିଂହଙ୍କ ମୁଖ୍ୟମନ୍ତ୍ରୀ ପଦ ଯାଇଥିଲା। ୨୦୨୩ରେ ବିଜେପି ପୁଣି କ୍ଷମତା ଦଖଲ କରିଥିବାରୁ ରମଣ ସିଂହ ମୁଖ୍ୟମନ୍ତ୍ରୀ ହେବେ ବୋଲି କୁହାଯାଉଥିଲା। କିନ୍ତୁ ବିଜେପି ହାଇକମାଣ୍ଡ ଆଦିବାସୀ କାର୍ଡ ଖେଳି ବିଷ୍ଣୁଦେଓଙ୍କୁ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏବେ ରମଣ ସିଂହଙ୍କୁ ସନ୍ତୁଷ୍ଟ କରିବା ପାଇଁ ତାଙ୍କୁ ବିଧାନସଭାର ବାଚସ୍ପତି କରାଯିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଛତିଶଡ଼ଗରେ ବିଷ୍ଣୁଦେଓଙ୍କ ଡେପୁଟି ଭାବେ ଦୁଇ ଜଣ କାମ କରିବେ। ବିଜେପି ନେତା ଅରୁଣ ସାଓ ଓ ବିଜୟ ଶର୍ମା ଛତିଶଡ଼ଗରେ ଉପ ମୁଖ୍ୟମନ୍ତ୍ରୀ ହେବେ ବୋଲି ଜଣାପଡ଼ିଛି। ଛତିଶଗଡ଼ ବିଧାନସଭାରେ ୯୦ଟି ଆସନ ଥିବା ବେଳେ ବିଜେପି ୫୪ଟିରେ ବିଜୟୀ ହୋଇଥିଲା। କଂଗ୍ରେସକୁ ୩୫ଟି ଆସନ ମିଳିଥିବା ବେଳେ ଜିଜିପିକୁ ଗୋଟିଏ ଆସନ ମିଳିଛି। ସରକାର ଗଢ଼ିବା ପାଇଁ ମ୍ୟାଜିକ୍ ନମ୍ବରଠାରୁ ଢେର ଅଧିକ ଆସନ ପାଇଥିଲେ ସୁଦ୍ଧା ବିଜେପି ଗଲା ୬ ଦିନ ହେଲା କାହାକୁ ମୁଖ୍ୟମନ୍ତ୍ରୀ କରିବ, ସେ ନେଇ ଘୋଷଣା କରି ନଥିଲା। ଆଜି ରାୟପୁରରେ ଦଳର ନବନିର୍ବାଚିତ ୫୪ ବିଧାୟକଙ୍କ ବୈଠକ ବସିଥିଲା। ଏହି ବୈଠକରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ କେନ୍ଦ୍ର ମନ୍ତ୍ରୀ ସଦାନନ୍ଦ ସୋନୋୱାଲ, ଅର୍ଜୁନ ମୁଣ୍ଡା ଓ ଦଳର ବରିଷ୍ଠ ନେତା ଦୁଶୟନ୍ତ ଗୌତମ ଉପସ୍ଥିତ ରହିଥିଲେ। ସେମାନେ ସମସ୍ତ ୫୪ ଜଣ ନବନିର୍ବାଚିତ ଦଳୀୟ ବିଧାୟକଙ୍କ ସହିତ ଆଲୋଚନା କରିଥିଲେ। ସେହି ବୈଠକରେ ବିଷ୍ଣୁଦେଓ ସାଏଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ନିଷ୍ପତ୍ତି ହୋଇଥିଲା।

## ଭିଣ୍ଟେଜ୍ କାର୍ ପ୍ରଦର୍ଶନୀରେ...

ଜିଦ୍ କରିବା ପରେ ସୁରକ୍ଷାକର୍ମୀଙ୍କ ସହ ହାତାହାତି ହୋଇଥିଲେ। ପରେ ପୁଲିସ୍ ପହଞ୍ଚିବା ପରେ ପୋଲିସ୍ ସହ ପାଟିତୁଣ୍ଡ ସାଙ୍ଗକୁ ଧସ୍ତାଧସ୍ତି ମଧ ହୋଇଥିଲା। ତେବେ ପରେ ଘଟଣା ସ୍ଥଳରେ ଡିସିପି ପହଞ୍ଚି ବୁଝାସୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ସେପଟେ କିନ୍ତୁ ଲୋକଙ୍କ ଯୁକ୍ତି କାହିଁକି ପ୍ରଦର୍ଶନୀ ଦେଖିବାକୁ ବାରଣ କରାଯାଉଛି ଏବଂ ପୋଲିସ୍ ଏମାନଙ୍କ କଥାରେ କରୁଛି ଗୁଣ୍ଡାରାଜ୍। ପରେ ଘଟଣାସ୍ଥଳରେ ଡିସିପି ପହଞ୍ଚି ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଛି।

## ଜୁଆ ଅଡ୍ଡାରେ...

ମହାକୁଳ, କଦଳିମୁଣ୍ଡାର ସଞ୍ଜୟ ମହାକୁଢ, ବୁଦେଲକାନୀର କୃଷ୍ଣଚନ୍ଦ୍ର ବାରିକ ଏବଂ ଖମାରବାହାଲର ନରେଶ ଧୁରୁଆ। ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି ଜମନକିରା ପୁଲିସ। ସେମାନଙ୍କ ଠାରୁ ୨୨,୨୧୦ ଟଙ୍କା, ୩ଟି ମୋବାଇଲ ଓ ୩ଟି ବାଇକ୍ ଜବତ ହୋଇଛି। ସୂଚନା ଅନୁସାରେ, ଶୁକ୍ରବାର ଦିନ ବାହାନଗା ଜଙ୍ଗଲରେ ଜୁଆଖେଳ ହେଉଥିବା ଖବର ପାଇଥିଲା ପୁଲିସ। ପରେ ପାଟ୍ରୋଲିଂ ପୁଲିସ ସେଠାରେ ଚଢ଼ାଉ କରିଥିଲା।

## ବିଏସ୍‌ପିରେ ଆରମ୍ଭ ହେବ...

ସେହିପରି ଆକାଶଙ୍କୁ ଜାତୀୟ ସଂଯୋଜକ ଦାୟିତ୍ୱ ଦେଇଥିଲେ। ୨୦୧୯ ଲୋକସଭା ନିର୍ବାଚନ ପ୍ରଚାର ବେଳେ ସେ ତାଙ୍କର ପ୍ରଥର ରାଲିକୁ ସମ୍ବୋଧିତ କରିଥିଲେ। ଆଗ୍ରାରେ ଏହି ରାଲି ଅନୁଷ୍ଠିତ ହୋଇଥିଲା। ଆସନ୍ତାବର୍ଷ ହେବାକୁ ଥିବା ଲୋକସଭା ନିର୍ବାଚନ ପାଇଁ ପ୍ରସ୍ତୁତି କରିବାକୁ ଆଜିର ବୈଠକ ଡାକିଥିଲେ ମାୟାବତୀ। ଏହି ବୈଠକରେ ଆକାଶ ଆନନ୍ଦଙ୍କୁ ସେ ତାଙ୍କର ଉତ୍ତରାଧିକାରୀ ଘୋଷଣା କରିବା ସହିତ ଆସନ୍ତା ଲୋକସଭା ନିର୍ବାଚନ ପାଇଁ ଦଳକୁ ମଜବୁତ କରିବାକୁ ତାଙ୍କୁ ଦାୟିତ୍ୱ ଦେଇଛନ୍ତି। ବିଏସ୍‌ପି ନେତା ଉଦୟବୀର ସିଂହ କହିଛନ୍ତି, ସେ (ମାୟାବତୀ) କହିଥିଲେ ତାଙ୍କ ପରେ ଆକାଶ ଆନନ୍ଦ ତାଙ୍କ ଉତ୍ତରାଧିକାରୀ ହେବେ। ଯେଉଁ ସ୍ଥାନଗୁଡ଼ିକରେ ବିଏସ୍‌ପି ଦୁର୍ବଳ ଅଛି, ସେଠାରେ କେମିତି ଦଳକୁ ସୁଦୃଢ଼ କରାଯିବ ଓ ଆସନ୍ତା ଲୋକସଭା ନିର୍ବାଚନ ପାଇଁ କେମିତି ପ୍ରସ୍ତୁତି କରାଯିବ, ସେ କଥା ଆକାଶ ଆନନ୍ଦ ଦେଖିବେ। ବେହେନ ଜୀ (ମାୟାବତୀ) ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡରେ ଦଳର ନେତୃତ୍ୱ ନେବେ। ଅନ୍ୟ ରାଜ୍ୟଗୁଡ଼ିକରେ ଆନନ୍ଦ ଜୀ ଦଳର ନେତୃତ୍ୱ ନେବେ। ଆକାଶ ଆନନ୍ଦଙ୍କୁ ମାୟାବତୀ ଉତ୍ତରାଧିକାରୀ କରିବେ ବୋଲି ପୂର୍ବରୁ ଆଭାସ ମିଳିଥିଲା। କାରଣ ବର୍ଷେ ହେଲାଣି ସେ ଦଳର ସମସ୍ତ ବ୍ୟାପାର ବୁଝି ଆସୁଛନ୍ତି। ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ତାଙ୍କୁ ପ୍ରମୁଖ ଦାୟିତ୍ୱ ଦିଆଯାଇଥିଲା। ବିଶେଷ କରି ମଧ ପ୍ରଦେଶ ଓ ରାଜସ୍ଥାନ ଉପରେ ତାଙ୍କୁ ଫୋକସ କରିବାକୁ କୁହାଯାଇଥିଲା। ରାଜସ୍ଥାନରେ ବିଏସ୍ ?ପି ଦୁଇଟି ଆସନ ଜିତିଥିବା ବେଳେ ମଧ ପ୍ରଦେଶ, ଛତିଶଗଡ଼ ଓ ତେଲଙ୍ଗାନାରେ ନିରାଶ ହୋଇଛି।

## ଡମ୍ଫର ସହ କାରର ...

ବସିଥିବା ଲୋକମାନେ ଚିତ୍କାର କରି ସାହାଯ୍ୟ ମାଗିଥିଲେ । କିନ୍ତୁ ଦୁର୍ଭାଗ୍ୟର ବିଷୟ କାରର କବାଟ ଖୋଲି ନଥିଲା। ସେମାନଙ୍କ ଚିତ୍କାର ଶୁଣି ରାସ୍ତାକଡ଼ରେ ଶୋଇଥିବା ଲୋକଙ୍କର ନିଦ ଭାଙ୍ଗି ଯାଇଥିଲା। ସେମାନେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ସେମାନେ ବିଫଳ ହୋଇଥିଲେ। ପରେ ସେମାନେ ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ବିଳମ୍ବ ହୋଇ ସାରିଥିଲା। କାରରେ ଥିବା ଜଣେ ଶିଶୁ ସମେତ ୮ଜଣ ଜୀବନ୍ତ ଦଗ୍ଧ ହୋଇ ଯାଇଥିଲେ। ହେଲେ ନିଆଁ ଲାଗିବା ପରେ ଡମ୍ଫର ଡ୍ରାଇଭର ଗାଡ଼ିରୁ ଡିଆଁ ମାରି ପଳାଇ ଯାଇଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀ ମୃତଦେହକୁ କାର ଭିତରରୁ ବାହାର କରିଥିଲେ। ଗାଡ଼ି ଚଳାଇବା ସମୟରେ ଡ୍ରାଇଭରର ଆଖି ଲାଗି ଯାଇଥିବା ଯୋଗୁ ଏପରି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ପୁଲିସ ଘଟଣାର ତଦନ୍ତ କରୁଛି।

# ପତ୍ନୀଙ୍କ ମୃତ୍ୟୁ ପରେ ସ୍ୱାମୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଗଞ୍ଜାମ, ୧୦/୧୨ (ନି.ପ୍ର): ୫ ଦିନ ତଳେ ପତ୍ନୀଙ୍କ ଝୁଲନ୍ତା ଶବ ଉଦ୍ଧାର ହୋଇଥିଲା । ଆଜି ପତିଙ୍କ ଝୁଲନ୍ତା ଶବ ମିଳିଛି । ଗଞ୍ଜାମ ଜିଲ୍ଲା ଶେରଗଡ଼ ଥାନା ଅନ୍ତର୍ଗତ କରଡ଼ାକଣା ଗ୍ରାମର ମୂଳ ବାସିନ୍ଦା ହୃଷୀକେଶ ବିଶୋଇ ଓ ପତ୍ନୀ ସୁବାଷିନୀ ବିଶୋଇଙ୍କ ଏଭଳି ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି ।
ପତ୍ନୀ ସୁବାଷିନୀ କୌଣସି କାରଣରୁ ନିଜର ତିନି ପୁଅଙ୍କ ସହିତ ତାଙ୍କ ବାପଘର ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ କାଉଖତ ଗ୍ରାମରେ ରହୁଥିଲେ । ସେହିପରି ହୃଷୀକେଶ କେତେବେଳେ ନିଜ ଗାଁରେ ତ ଆଉ କେତେବେଳେ ଶ୍ୱଶୁର ଘରେ ରହୁଥିଲେ । ଗତ କିଛି ଦିନ ତଳେ ସୁବାଷିନୀ ହଠାତ୍ ନିଖୋଜ ହୋଇଯିବାରୁ ତାଙ୍କ ବାପା କିଶୋର ସ୍ୱାଇଁ ଏନେଇ ବ୍ରହ୍ମପୁର ସଦର ଥାନାରେ ଏତଲା କରିଥିଲେ । ତେବେ ଗତ ୪ ତାରିଖରେ ହିଞ୍ଜିଳିକାଟୁ ସହର ନିକଟସ୍ଥ ମେଣ୍ଢାଖାଇ ପାହାଡ଼ରୁ ସୁବାଷିନୀଙ୍କ ଝୁଲନ୍ତା ଶବ ମିଳିଥିଲା । ଏ ସଂକ୍ରାନ୍ତରେ ହିଞ୍ଜିଳିକାଟୁ ଥାନାରେ କେସ୍ ନଂ ୩୮/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା । ଏହି ଘଟଣା ପରଠାରୁ ହୃଷୀକେଶଙ୍କ କୌଣସି ଖୋଜ ଖବର ମିଳୁନଥିଲା । ଶେରଗଡ଼ ଥାନା ହରିକୃଷ୍ଣପୁର ଗ୍ରାମ ବାଇପାସ୍ ରୋଡ- ସାଗରବନ୍ଧ ରାସ୍ତାରେ ଏକ ଗଛ ଡାଳରେ ଆଜି ତାଙ୍କ ଝୁଲନ୍ତା ମୃତଦେହ ଠାବ ହୋଇଛି । ଶେରଗଡ ପୋଲିସ ଶବ ଜବତ କରିବା ସହ ୨୧/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ଧ୍ୱନି ପ୍ରତିଧ୍ୱନି

# ଜିଲ୍ଲାସ୍ତରୀୟ ବିଜ୍ଞାନମେଳାକୁ ତିଳୋତ୍ତମାଙ୍କ ପ୍ରୋଜେକ୍ଟ ମନୋନୀତ



ବଡ଼ସାହି, ୧୦/୧୨ (ନି.ପ୍ର): ଏହି ବ୍ଲକ ସ୍ଥିତ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଯୋଡ଼ାର ଦଶମ ଶ୍ରେଣୀର ଛାତ୍ରୀ ତିଳୋତ୍ତମା ସିଂଙ୍କର 'ବାମନଘାଟି ଏକ୍ସିଡେଣ୍ଟ ପ୍ରୁଫ ରୋଡ଼ ' ବିଜ୍ଞାନ ପ୍ରକଳ୍ପଟି ଉପ ବିଷୟବସ୍ତୁ 'କମୁନିକେଶନ ଏବଂ ଟ୍ରାନ୍ସପୋର୍ଟ 'ରେ ସମଗ୍ର ବଡ଼ସାହି ବ୍ଲକରେ ପ୍ରଥମ ହୋଇ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବା ନିମନ୍ତେ ଚୟନ ହୋଇଛି । ବିଦ୍ୟାଳୟର ଗଣିତ ଶିକ୍ଷକ ଦୀପକ ରାମଙ୍କ ମାର୍ଗଦର୍ଶନ ଓ ବିଜ୍ଞାନ ଶିକ୍ଷୟିତ୍ରୀ ରୋଜାଲିକା ଗିରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିଳୋତ୍ତମା ପ୍ରସ୍ତୁତ କରିଛନ୍ତି, ଏହି ବିଜ୍ଞାନ ପ୍ରକଳ୍ପଟି ଚଳିତ ଡିସେମ୍ବର ମାସ ୧୨ ରୁ ୧୩ ତାରିଖ ପର୍ଯ୍ୟନ୍ତ କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ସ୍ଥାନିତ ହୋଇଥିବାରୁ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପାର୍ବତୀ ମୁର୍ମୁ ତିଳୋତ୍ତମାଙ୍କୁ ସମ୍ବର୍ଦ୍ଧିତ କରିବା ପରେ ବିଦ୍ୟାଳୟର ଶିକ୍ଷକ ଦୀପକ ରାମ, ପାର୍ଥସାରଥୀ ଜେନା, ଶିକ୍ଷୟିତ୍ରୀ ରୋଜାଲିକା ଗିରି, ତପସ୍ୱିନୀ ସାହୁ, ଇନ୍ଦୁଲତା ପତି, ଅଫିସ ସହାୟକ ପଦ୍ମାବତୀ ମହାନ୍ତ, ବାଳିକା ହଷ୍ଟେଲ ମେଟ୍ରୋନ ସୁକାନ୍ତି ମହାନ୍ତ ତଥା ବିଦ୍ୟାଳୟ ପରିଚାଳନା କମିଟି ଓ ଆଲୁମିନି ର ସମସ୍ତ ସଦସ୍ୟ ତିଳୋତ୍ତମା ସିଂ ଙ୍କୁ ଶୁଭେଚ୍ଛା ଜଣାଇଥିଲେ । ତିଳୋତତ୍ତମା ବଡ଼ସାହି ବ୍ଲକ ଅନ୍ତର୍ଗତ ଅଷ୍ଟଝରଣ ଗ୍ରାମର ପୂର୍ଣ୍ଣଚନ୍ଦ୍ରପୁର ସ୍ଥିତ ପିତା ଲକ୍ଷ୍ମୀଧର ସିଂ ଓ ମାତା ସୁମତି ସିଂଙ୍କ ସୁକନ୍ୟା ଅଟନ୍ତି ।

# ଭୁଷୁଡିଲା ନିର୍ମାଣାଧୀନ କେନାଲ ବ୍ରିଜର ଖୁମ୍ବ: ଅଘଟଣରୁ ବର୍ତ୍ତିଲା ଧନଜୀବନ



ନୀଳଗିରି, ୧୦/୧୨ (ନି.ପ୍ର): ଔପଦା ବ୍ଲକ ଅନ୍ତର୍ଗତ ସନ୍ତରାଗଡିଆ ନୀଳଗିରି ଦେଇ ଯାଉଥିବା ସାଳନ୍ଦୀ କେନାଲର ଅଣ୍ଡିଆ ଛକ ନିକଟରେ ନିର୍ମାଣାଧିନ କେନାଲ ବ୍ରିଜର ୬ନମ୍ବର ଖମ୍ବ ସହିତ କଟଅଫ ୱାଲଟି ଆଜି ସକାଳେ ଭୁସୁଡ଼ି ଯାଇଛି । ସୂଚନାରୁ ଜଣାଯାଇଛି ଏଠାରେ ଏକ ବ୍ରିଜ ପାଇଁ ଦୁଇଟି କଟଅଫ ୱାଲ୍ ଓ ଚାରିଟି ଖମ୍ବ କେନାଲ ମଧ୍ୟରେ ନିର୍ମାଣାଧିନ ରହିଛି। ତେବେ ଶନିବାର ବିଳମ୍ବିତ ରାତିରେ ପଶ୍ଚିମ ପାଖ କଟଅଫ ୱାଲଟି ସମ୍ପୂର୍ଣ୍ଣ ଭୁଶୁଡି ପଡିଥିବା ଦେଖାଯାଇଛି। ଏ ସଂପର୍କରେ ସ୍ଥାନୀୟ ଗ୍ରାମବାସୀ ମାନଙ୍କ ଅଭିଯୋଗ ଯେ ଏଠାରେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହେଉଥିବାରୁ ଏଭଳି ପରିସ୍ଥିତି ଉପୁଜିଛି। ସରକାର ସାଧାରଣ ଜନତାଙ୍କ ଗମନାଗମନ ସୁବିଧା ଓ ବହୁ ଜନହିତକର ବ୍ୟବସ୍ଥା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଠିକାଦାର ଓ ବିଭାଗୀୟ ଅଧିକାରୀ ମାନେ ଲାଭଖୋର ମନୋଭାବ ରଖି କାର୍ଯ୍ୟ କରୁଥିବାରୁ କେଉଁଠି ପୋଲ ଭୁସୁଡୁଛି ତ ଆଉ କେଉଁଠି ବ୍ରିଜ ଗଳି ପଡୁଥିବାର ଦେଖିବାକୁ ମିଳୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କାର୍ଯ୍ୟ କଲା ବେଳେ ବିଭାଗୀୟ ଇଂଜିନିୟର କିମ୍ବା କୌଣସି ଅଧିକାରୀ ରହୁନଥିବାରୁ ଠିକାଦାର ନିମ୍ନ ମାନର କାର୍ଯ୍ୟ କରିଥିବାରୁ ଏଭଳି ଅଘଟଣ ଘଟିଛି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ରାତିରେ ପୋଲଟି ଗଳି ପଡ଼ିଥିବାରୁ କାହାରି କିଛି କ୍ଷତି ହୋଇନାହିଁ। ତେବେ ଯଦି ଏହି ଘଟଣା ଦିନରେ ଏବଂ ଶ୍ରମିକ ମାନେ କାମ କରିବା ସମୟରେ ହୋଇଥାନ୍ତା ତେବେ ନିଶ୍ଚିତ ଅଘଟଣ ଘଟିଥାନ୍ତା। ଖବର ପାଇ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଓ ସ୍ଥାନୀୟ ସରପଞ୍ଚ ପୁରଷ୍ତମ ସେଠୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ରାଜ୍ୟ ସରକାର ୫-ଟି ଯୋଜନାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକରି ବାହାବା ନେଉଥିବା ବେଳେ ଏହା କଣ ପ୍ରକୃତ ୫- ଟି ଯୋଜନାର ସଫଳ ରୂପାୟନ କି ବୋଲି ପ୍ରଶ୍ନ କରିଛନ୍ତି ବିଧାୟକ।ଭବିଷ୍ୟତରେ ଯେମିତି ଏଭଳି ପରିସ୍ଥିତି ନଘଟୁ ସେଥି ପାଇଁ ରାଜ୍ୟ ସରକାର ଙ୍କୁ ତଦନ୍ତ ପୂର୍ବକ ଦୃଢ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# 'ମୋନା' ପକ୍ଷରୁ ନିଶା ବିରୋଧୀ ସଚେତନତା ଶିବିର ଆୟୋଜିତ




ବାଲେଶ୍ୱର, ୧୦/୧୨ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ 'ମୋନା', ବାଲେଶ୍ୱର ପକ୍ଷରୁ ନିଶାବିରୋଧୀ ସଚେତନତା ଶିବିର ଶ୍ରୀଜଗନ୍ନାଥ ଆବାସିକ ମଡର୍ଣ୍ଣ ବିଦ୍ୟାଳୟଠାରେ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଉପଦେଷ୍ଟା ସୁବ୍ରତ କର ନିଶାର ମନ୍ଦ ଅଭ୍ୟାସ ଠାରୁ ଦୂରରେ ରହିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ସତର୍କ କରାଇଥିଲେ। ଅନ୍ୟତମ ଉପଦେଷ୍ଟା କେଶବ ଚରଣ ପଣ୍ଡା ନିଶା ସେବନ ନ କରିବାକୁ ଶପଥପାଠ କରାଇଥିଲେ। 'ମୋନା'ର ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ସଂପାଦକ କମଳାକାନ୍ତ ଦାଶ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ରବିନାରାୟଣ ଭୋଳ ଓ ଗଙ୍ଗାଧର ପୃଷ୍ଟିଙ୍କ ସମେତ ଛାତ୍ର ଶ୍ରୀ ପବିତ୍ର କୁମାର ଦତ୍ତ ଓ ଅଭିଜିତ୍ ଅଣ୍ଡିଆ ନିଶା ବିରୋଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଗଣେଶ କୁମାର ଜେନା 'ମୋନା'ର କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ। ଶିକ୍ଷକ ମଧୁସୂଦନ ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଫାଶୀ ଦେଇ ମହିଳାଙ୍କ ଆତ୍ମହତ୍ୟା

ବସ୍ତା, ୧୦/୧୨ (ନି.ପ୍ର): ଥାନା ଅନ୍ତର୍ଗତ ବାହାର୍ଦ୍ଦା ଗ୍ରାମର ପୂର୍ବତନ ୱାର୍ଡ ସଭ୍ୟା ରବିବାର ଫାଶୀ ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତ ମହିଳା ହେଲେ କାଳିଚରଣ ସେଠୀଙ୍କ ସ୍ତ୍ରୀ ସୁକାନ୍ତି ସେଠୀ (୫୨) । ପାରିବାରିକ କଳହରୁ ସେ ମାନସିକ ଭାରସାମ୍ୟ ହରାଇ ବେକରେ ଦଉଡି ଦେଇ ଘରେ ଫାଶୀ ଦେଇଥିଲେ। ପରିବାରଲୋକେ ଏହା ଦେଖି ସଙ୍ଗେ ସଙ୍ଗେ ତାଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ପୋଲିସ ପହଞ୍ଚି ମୃତଦେହ ଜବଦ କରି ତଦନ୍ତ ଜାରି ରଖିଛି । ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ ୫୯/୨୩ରୁଜୁ ହୋଇ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି । ସେ ପୂର୍ବରୁ ୱାର୍ଡ ସଭ୍ୟା ଭାବେ ଦାୟିତ୍ୱ ନିର୍ବାହ କରି ସମସ୍ତଙ୍କର ପ୍ରିୟ ପାତ୍ର ହୋଇ ପାରିଥିଲେ । ତାଙ୍କର ସ୍ୱାମୀ, ଦୁଇ ପୁଅ, ପୁଅବୋହୂ ଅଛନ୍ତି । ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

## ଗୋରୁ ମାଂସ ବୋଝେଇ ଗାଡ଼ି ଜବତ: ଚାଳକ ଫେରାର

ନିରାକାରପୁର, ୧୦/୧୨ (ନି.ପ୍ର): ବଜରଙ୍ଗ ଦଳ କର୍ମୀଙ୍କ ସୂଚନା ମୁତାବକ ଆଜି ରାତି ସାଢ଼େ ୯ ଟା ବେଳେ ଏକ ଗୋରୁ ମାଂସ ବୋଝେଇ ଗାଡ଼ି କୁ ଜଂକିଆ ପୋଲିସ ଜବତ କରିଥିବା ବେଳେ ଗାଡ଼ିରେ କଣ ଅଛି ତାହା ଆସନ୍ତାକାଲି ତହସିଲଦାରଙ୍କ ଉପସ୍ଥିତିରେ ଖୋଲିଲେ ଜଣା ପଡିବ ବୋଲି ଜଂକିଆ ଥାନା ଆଇଆଇସି ପ୍ରଜ୍ଞା ରତୁମ୍ବରା କର ସୂଚନା ଦେଇଛନ୍ତି। ଏକ ଆଇଚର ଗାଡ଼ି ନଂ ଓଡି ୦୫ ବି ଏଲ ୩୬୨୩ ରେ ଗୋରୁ ମାଂସ ଚାଲାଣ ହେଉଥିବା ଜଂକିଆ ପୋଲିସ କୁ କିଛି ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ସୂଚନା ଦେବାରୁ ଜଂକିଆ ପୋଲିସ ଆଇଆଇଆସୀଙ୍କ ନେତୃତ୍ୱରେ ଜଂକିଆ ପେଟ୍ରୋଲ ପମ୍ପ ନିକଟରେ ଏକ ଗାଡି ଲକ୍ ହୋଇ ରଖାଯାଇଥିବା ଦେଖିବାକୁ ପାଇଥିଲେ। ପରେ ଉକ୍ତ ଗାଡିକୁ ଜବତ କରି ଥାନାକୁ ଆଣିଥିବାବେଳେ ଆସନ୍ତା କାଲି ଉକ୍ତ ଗାଡ଼ିକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଖୋଲିଲେ ଯାହା ଜଣାପଡ଼ିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

# ନବ ନିଯୁକ୍ତ 'ଆମ ଓଡିଶା ନବୀନ ଓଡିଶା' ଜିଲ୍ଲା ସଂଯୋଜକ ରଞ୍ଜନ ବାଗଙ୍କୁ ଶୁଭେଚ୍ଛା ସମ୍ବର୍ଦ୍ଧନା ପ୍ରଦାନ



ବାଲେଶ୍ୱର, ୧୦/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବିଜେଡିର ସାଧାରଣ ସମ୍ପାଦକ ତଥା ବରିଷ୍ଠ ବିଜେଡି ନେତା ରଞ୍ଜନ ବାଗଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ 'ଆମ ଓଡିଶା ନବୀନ ଓଡିଶା'ର ବାଲେଶ୍ୱର ଜିଲ୍ଲା ସଂଯୋଜକ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି।ଏହି ନିଯୁକ୍ତି ମିଳିବା ପରେ ବିଭିନ୍ନ ମହଲରେ ଖୁସିରେ ଲହରୀ ଖେଳିଯାଇଛି।ଏହି ଅବସରରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଶ୍ରୀଯୁକ୍ତ ବାଗଙ୍କୁ ବାଲେଶ୍ୱର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ ଦାସ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବାଗଙ୍କ ଉପରେ ଯେଉଁ ଆସ୍ଥା ପ୍ରକଟ କରିଛନ୍ତି ତାହା ନିଶ୍ଚିତ ଫଳପ୍ରଦ ହେବ ବୋଲି କହିଥିଲେ, ଅନ୍ୟ ମାନଙ୍କ ମଧ୍ୟରେ ଉପ ନଗରପାଳ କୈଳାସ ଚନ୍ଦ୍ର ସେଠୀ, ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା, ବିଧାୟକଙ୍କ ପ୍ରତିନିଧି ମନୋଜ ରାଉତ, ଅଭିଜିତ ଦାସ, କାଉନସିଲର ସେକ ଆୟୁବ, ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର, ବିନୋଦ କୁମାର ଜୀ, ବିଜେଡି ଜୋନାଲ ସାଧାରଣ ସମ୍ପାଦକ ତଥା ସଦର ବିଜେଡି ଗଣମାଧ୍ୟମ ସଂଯୋଜକ ଧିରେନ ନାୟକ, ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସେକ ଅନସର ପ୍ରମୁଖ ଶ୍ରୀଯୁକ୍ତ ବାଗଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ନିଯୁକ୍ତି ପାଇଁ ନବ ନିଯୁକ୍ତ 'ଆମ ଓଡିଶା ନବୀନ ଓଡିଶା'ର ବାଲେଶ୍ୱର ଜିଲ୍ଲା ସଂଯୋଜକ ରଂଜନ ବାଗ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ,୫ଟି ତଥା ଆମ ଓଡିଶା ନବୀନ ଓଡିଶାର ଅଧ୍ୟକ୍ଷ ଶ୍ରୀଯୁକ୍ତ କାର୍ତିକ ପାଣ୍ଡିଆନ,ଜିଲ୍ଲା ପ୍ରଯ୍ୟବେକ୍ଷକ ତଥା ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ କେଶରୀ ଦେବ,ଜିଲ୍ଲା ସଭାପତି ତଥା ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ ପାତ୍ର,ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ ଦାସଙ୍କୁ ଧନ୍ୟବାଦ ଜଣାଇବା ସହ ଯେଉଁ ଗୁରୁ ଦାୟିତ୍ୱ ତାଙ୍କୁ ମିଳିଛି ତାକୁ ସୂଚାରୁ ରୁପେ ତଲାଇବା ସହ ସରକାରଙ୍କ ପ୍ରତିଟି କାର୍ଯ୍ୟକୁ ଜନସାଧାରଣଙ୍କ ପାଖରେ ପହଞ୍ଚିବା ପ୍ରଥମ ଲକ୍ଷ ହେବ ଏବଂ ଏହି ପରିପ୍ରେକ୍ଷୀରେ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଅରୁଣ ଦେଙ୍କୁ ମନେ ପକାଇବା ସହ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## କୁଳଡିହା ଅଭୟାରଣ୍ୟ ଜଙ୍ଗଲ ଜମିରେ ବେଧଡକ ମୋରମ ଚୋରା ଚାଲାଣ



ନୀଳଗିରି, ୧୦/୧୨ (ନି.ପ୍ର): ନୀଳଗିରି ତହସିଲ କୁଳଡିହା ସେଞ୍ଚୁରି ଅନ୍ତର୍ଗତ କାଣ୍ଡଗରଡି ପଞ୍ଚାୟତ ବଉଳଗଡ଼ିଆ ନିକଟସ୍ଥ କେଶରୀପୁର ଅଞ୍ଚଳରେ ଜଙ୍ଗଲ ଜମିରେ ଅହୋରାତ୍ର ମୋରମ୍ ଚାଲାଣ ଚାଲିଥିବା ବେଳେ ନୀରବ ସାଜିଛି ନୀଳଗିରି ପ୍ରଶାସନ। ନୂଆକରି ନୀଳଗିରି ତହସିଲରେ ନିଯୁକ୍ତି ପାଇଥିବା ମାଡାମ ଦିପ୍ତିମୟୀଙ୍କ ଠାରୁ ଅଞ୍ଚଳବାସୀ ବେଶ୍ କିଛି ଆଶା କରିଥିଲେ। ଖଣି ଖାଦନରେ ଚୋରା ଚାଲାଣ ରୋକିବ, ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରି ମାଫିଆ ମାନଙ୍କୁ ସାବାଡ କରିବେ। ପରନ୍ତୁ ଦିନ ଦିପ୍ରହରରେ ମୋରମ ମାଫିଆ ମାନେ ଖୁଲମଖୁଲା ଜଙ୍ଗଲ ଜମିରୁ ଶହଶହ ଟ୍ରିପ ମୋରମ ଚୋରା ଚାଲାଣ କରୁଥିବା ଦେଖିବାକୁ ମିଳିଛି। ଏନେଇ ଗ୍ରାମବାସୀ ମାନେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ପ୍ରଶାସନ ନିଦ ଭାଙ୍ଗୁନାହିଁ। ତେବେ କେବେ ପ୍ରଶାସନ ମାଫିଆ ମାନଙ୍କ ବିରୋଧରେ କାର୍ଯାନୁଷ୍ଠାନ ଗ୍ରହଣ କରୁଛନ୍ତି ଏବଂ ନିରୀହ ଜଙ୍ଗଲି ଜୀବଜନ୍ତୁ ନିଜକୁ ସୁରକ୍ଷିତ ମନେ କରୁଛନ୍ତି ଦେଖିବାକୁ ବାକି ରହିଲା।

# ଲଙ୍ଗଳେଶ୍ୱର ଷଷ୍ଠ ପ୍ରିମିୟମ ଲିଗ୍ ମ୍ୟାଚ ଉଦ୍‌ଘାଟିତ



ଲଙ୍ଗଳେଶ୍ୱର ୧୦/୧୨(ନିପ୍ର): ହରପାର୍ବତୀ କ୍ଲବ ଓ ଲଙ୍ଗଳେଶ୍ୱର କ୍ରିକେଟ ଆସୋସିଏସନ୍ ଆନୁକୁଲ୍ୟରେ କାଳିଘାଟି ପଡ଼ିଆରେ ଲଙ୍ଗଳେଶ୍ୱର ଷଷ୍ଠ ପ୍ରିମିୟମ ଲିଗ୍ ମ୍ୟାଚ ଉଦଘାଟିତ ହେଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସାତଟି ଦଳ ଅଂଶଗ୍ରହଣ କରିବେ।୧୫ ଓଭର ଲେଖାଏଁ ଖେଳାଯିବ ଏହି ମ୍ୟାଚ୍। ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବନେତା ତୁଷାରକାନ୍ତ ବେହେରା ସମ୍ମାନିତ ଅତିଥି ଭାବରେ ପଞ୍ଚାୟତ ସମିତି ର ପୂର୍ବତନ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଜେନା, ପୂର୍ବତନ ସରପଞ୍ଚ ମହେନ୍ଦ୍ର ବାରିକ, ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଖେଳାଳି ଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନ ମ୍ୟାଚ ରେ ୟୁନିକ ପାୱାର ହିଟର ଓ ତନୁଏସ ଜାଗୁଆର ମଧ୍ୟରେ ଖେଳାଯାଇଥିଲ ଜାଗୁଆର ଦଳ ଟସ୍ ଜିତି ବ୍ୟାଟିଂ ପାଇଁ ନିଷ୍ପତି ନେଇଥିଲା ନିର୍ଦ୍ଧାରିତ ଓଭର ରେ ୧୦ ଉଇକେଟ୍ ହରାଇ ୮୯ ରନ୍ ସଂଗ୍ରହ କରିଥିଲା ଜବାବ ରେ ପାୱାର ହିଟର ଦଳ ଦୁଇ ଉଇକେଟ୍ ହରାଇ ୯୦ ରନ୍ କରି ବିଜୟୀ ହୋଇଥିଲା। ଏମ୍ପାଆର ରାଜୀବ କୁମାର ନାୟକ ଓ ହେମନ୍ତ ମଲ୍ଲିକ ଖେଳ ପରିଚାଳନା କରିଥିଲେ। ପବିତ୍ର ସେଠୀ, କାର୍ତ୍ତିକ ବେହେରା, ବ୍ରଜସୁନ୍ଦର ଭୂୟାଁ, ଜିତାଶୁଂ ବାରିକ, ସେକ୍ ରାଜୁ ରାଜୀବ ଭୂୟାଁ, ବାମନ ପଢିଆରୀ, ସୌଭାଗ୍ୟ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଆମ ଓଡିଶା ନବୀନ ଓଡିଶା ପାଇଁ ସଂଯୋଜକ ନିଯୁକ୍ତ

## ବାରିପଦା ପାଇଁ ସୁନୀଲ , ରାଇରଙ୍ଗପୁର ପାଇଁ ଅମରେନ୍ଦ୍ରଙ୍କୁ ମିଳିଲା ନିଯୁକ୍ତି



ବାରିପଦା, ୧୦/୧୨ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଆମ ଓଡିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟର ବିଭିନ୍ନ ଜିଲ୍ଲା ତଥା ସବଡିଭିଜନ ସ୍ତରରେ ୧୬ ଜଣ ସଂଯୋଜକ ନିଯୁକ୍ତ କରିଛନ୍ତି । ଏହି ପରିପ୍ରେକ୍ଷିରେ ମୟୁରଭଞ୍ଜ ଜିଲ୍ଲାର ବରିପଦା ସବଡିଭିଜନ ପାଇଁ ସୁନୀଲ କୁମାର ଦାସ ଏବଂ ରାଇରଙ୍ଗପୁର ସବଡିଭିଜନ ପାଇଁ ଅମରେନ୍ଦ୍ର କରଙ୍କୁ ଚୟନ କରାଯାଇଥିବାର ଜଣାଯାଇଛି । ଏବାବଦରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି. ଡିଜିଟାଲ ଭିତ୍ତିଭୂମି ବିକାଶ ତଥା ଓଡିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ତଥା ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ ଉପରେ ଧ୍ୟାନ ଦେଇ କାର୍ଯ୍ୟକାରୀ କରାଯାଉଥିବା ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ସଂଯୋଜକ ଭାବରେ ଶ୍ରୀ ଦାସ ଏବଂ ଶ୍ରୀ କରଙ୍କୁ ନିଯୁକ୍ତ କରାଯାଇଥିବାରୁ ଉଭୟ ଯୋଜନାର ଲକ୍ଷ୍ୟ ଏବଂ ଉଦେଶ୍ୟ ପୂରଣ ପାଇଁ କାର୍ଯ୍ୟ କରିବେ ବୋଲି କହିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ନବୀନ ଓଡ଼ିଶାର ଅଧ୍ୟକ୍ଷ୍ୟ ଭି. କାର୍ତିକ ପାଣ୍ଡିଆନ, ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସହ ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଶୁଣିଲାନି ବିଭାଗ: ରାସ୍ତା ମରାମତି କଲେ ସମାଜସେବୀ

କୋରେଇ, ୧୦/୧୨ (ନି.ପ୍ର): ପାଣିକୋଇଲି-ରଗଡି ରାସ୍ତାର ପ୍ରବେଶ ପଥ ମରଣଯନ୍ତା ପାଲଟିଥିଲା । ରାସ୍ତା ଆରମ୍ଭରେ ଜାତୀୟ ରାଜପଥ ସଂଯୋଗୀ କରଣର ରାସ୍ତା ଡ୍ରେନ ପର ଠାରୁ ଏହି ରାସ୍ତା ଆରମ୍ଭ ହୋଇଛି । ଡ୍ରେନ କଡରେ ବଡ ବଡ ଖାଲ ହୋଇ ଯାଇଥିବାରୁ ଗାଡି ଯାତାୟତ ବାଧାପ୍ରାପ୍ତ ହେଉଥିଲା । ଅନେକ ସମୟରେ ବାଇକ ଓ ଛୋଟଗାଡି ଦୁର୍ଘଟଣା ଗ୍ରସ୍ତ ହେବା ଦେଖିବାକୁ ମିଳିଥିଲା । ଏନେଇ ଗଣ ମାଧ୍ୟମରେ ଖବର ପ୍ରକାଶ ପରେ ମଧ୍ୟ ରାଜପଥ ବିଭାଗ କି ପୂର୍ତ୍ତ ବିଭାଗ କେହି କର୍ଣ୍ଣପାତ କରିନଥିଲେ । ଫଳରେ ଆଜି ଯୁବ ସମାଜସେବୀ ଶରତ ଚନ୍ଦ୍ର ଦାଶ (ବାବୁଲା) ସାମ୍ବାଦିକ, ସମାଜସେବୀ ପୁଲିସ ସହାୟତାରେ ନିଜସ୍ୱ ଉଦ୍ୟମରେ ଉକ୍ତ ଖାଲକୁ ସିମେଂଟ କଂକ୍ରିଟ କରିଛନ୍ତି । ଶ୍ରୀ ଦାଶଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ବାଲିଆପାଳ ବ୍ଲକ ଛକରେ 'ସୁମନ ଡେଣ୍ଟାଲ କେୟାର' ଉଦ୍‌ଘାଟିତ




ଲଙ୍ଗଳେଶ୍ୱର, ୧୦/୧୨ (ନି.ପ୍ର): ବାଲିଆପାଳ ବ୍ଲକ ଛକରେ ରବିବାର ସନ୍ଧ୍ୟାରେ ଅତ୍ୟାଧୁନିକ ' ସୁମନ ଡେଣ୍ଟାଲ କେୟାର 'ଉଦଘାଟିତ ହୋଇଯାଇଛି।ଖ୍ୟାତି ସମ୍ପନ୍ନ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ତଥା ପୂର୍ବତନ ସି ଡ଼ି ଏମ ଓ ପ୍ରଦୀପ୍ତ କୁମାର ସାହୁ ଏହି କେୟାର କୁ ଶୁଭ ଉଦଘାଟନ କରିଥିଲେ।ଡ଼ଃ ସାହୁ ଡାକ୍ତର ଓ ରୋଗୀର ସମ୍ପର୍କ ଭକ୍ତ ଭଗବାନଙ୍କ ସହିତ ଥିବା ସମ୍ପର୍କ ସହିତ ସମାନ ବୋଲି କହିଥିଲେ।ଏଥିପାଇଁ ସେ ଏକ ସୁନ୍ଦର ଗଳ୍ପର ଅବତାରଣା କରିଥିଲେ।ଏହି ଉଦଘାଟନୀ ଉତ୍ସବରେ ଭୁବନେଶ୍ୱର ସୋମ ହସ୍ପିଟାଲର ଡାକ୍ତର ଆଲୋକ କୁମାର ମହାପାତ୍ର ,ଡ଼ଃ ପ୍ରଭୋତୋଷ ,କେୟାରର ତତ୍ତ୍ୱାବଧାରକ ଡାକ୍ତର ସୁକନ୍ୟା ପାତ୍ର, ପିତା ସୂର୍ଯ୍ୟ କୁମାର ପାତ୍ର ,ମାତା କ୍ରୀଷ୍ଣା ପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।ଘଣ୍ଟୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ବରିଷ୍ଠ ଫାର୍ମାସିଷ୍ଟ ରତୀନ୍ଦ୍ର ନାଥ ପରିଡ଼ା ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରଭାଜର ତଥା ଗାୟକ ଗୀତିକାର ରମା ନାଥ କର ମଞ୍ଚ ଆହ୍ୱାନ ଓ ଧନ୍ୟବାଦ ଅର୍ପଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo